

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 AUGUST 2021
Vol.No. 32 ■ No. 202 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଦଳିଲା ରାଜୀବ ଗାନ୍ଧୀ ଖେଳରତ୍ନ ଆୱାର୍ଡର ନାଁ

## ଏଣିକି ଧ୍ୟାନଚାନ୍ଦଙ୍କ ନାଁରେ ଦିଆଯିବ ପୁରସ୍କାର

ନୂଆଦିଲ୍ଲୀ,୦୬/୦୮: ମୋଦୀ ସରକାରଙ୍କ ଦ୍ୱାରା କୌଣସି ସ୍ଥାନ କିମ୍ବା କିଛି ନାମ ପରିବର୍ତ୍ତନ କରିବା ନୂଆକଥା ନୁହେଁ । କିଛି ନାମକରଣ ଅତ୍ୟଧିକ ଭାବରେ ପ୍ରଚଳିତ ହୋଇଥିବାବେଳେ ଆଉ କିଛିର ନାମକରଣ ବହୁତ ସମାଲୋଚିତ ହୋଇଛି । ଚଳିତ ଥର ଟୋକିଓ ଅଲମ୍ପିକ୍ସରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଚମତ୍କାର ପ୍ରଦର୍ଶନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସର୍ବୋଚ୍ଚ ଖେଳ ପୁରସ୍କାର ଖେଳରତ୍ନର ନାମ ହକିର ଯାଦୁଗର କୁହାଯାଉଥିବା ମେଜର ଧ୍ୟାନଚାନ୍ଦଙ୍କ ନାମ ଅନୁସାରେ ଦେବା ପାଇଁ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଗୋଟିଏ ଟ୍ୱିଟ ମାଧ୍ୟମରେ ଏହି ଘୋଷଣା କରି ଲେଖିଥିଲେ ମେଜର ଧ୍ୟାନ ଚାନ୍ଦ ତାଙ୍କ ଖେଳ ଯାଦୁଗରୀ ମାଧ୍ୟମରେ ଦେଶ ପାଇଁ ଗୌରବ ଆଣିଥିଲେ, ଲୋକଙ୍କ ଭାବନାକୁ ସମ୍ମାନ ଦେବାକୁଯାଇ ଖେଳରତ୍ନ



ପୁରସ୍କାରର ନା ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ନାଁରେ ନାମିତ କରାଯାଉଛି । ଯାହାର ନାଁ ପୂର୍ବରୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଥିଲା । ସାସିଆଲ ମିଡିଆରେ ସାଧାରଣ ଲୋକ ଏହି ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି କିନ୍ତୁ ନିଆରା ଅନ୍ଦାଜରେ । ସେମାନେ ଲେଖିଛନ୍ତି ଖେଳ ସହ ସମ୍ପର୍କିତ ପୁରସ୍କାରର ନାଁ ରାଜନେତା ନୁହେଁ ବରଂ ଖେଳାଳୀଙ୍କ ନାମ ଅନୁସାରେ ହେବା ଦରକାର କିନ୍ତୁ ଲୋକମାନେ ଏହାସହ ଆଉ ଗୋଟିଏ କଥା କହିବାକୁ ଭୁଲିନାହାନ୍ତି ଯେ ଅହମଦାବାଦ ଷ୍ଟାଡିୟମର ନାଁ ନରେନ୍ଦ୍ର ମୋଦୀଙ୍କ ନାମରେ କାହିଁକି କରାଯାଇଛି । ଏହାର ନାମ ମଧ୍ୟ କୌଣସି ଖେଳାଳିଙ୍କ ନାମ ଅନୁସାରେ କରାଯାଉ ବୋଲି କିଛି ବିପକ୍ଷର ନେତା ଓ କିଛି ଟ୍ୱିଟର ୟୁଜର୍ସଙ୍କ ଦ୍ୱାରା କୁହାଯାଇଛି । ଦିଲ୍ଲୀର ଷ୍ଟାଡିୟମର ନାଁ ମଧ୍ୟ ଅରୁଣ ଜେଟଲୀଙ୍କ ନାମରେ ନାମିତ କରାଯାଇଛି । ଏହାକୁ ମଧ୍ୟ କିଛି ଖେଳାଳିଙ୍କ ନାମ ଅନୁସାରେ କରାଯାଉ ବୋଲି ୟୁଜର୍ସ କହିଛନ୍ତି । ଇର୍ଫାନ ପଠାନ ମଧ୍ୟ ଏହାକୁ ନେଇ ନିଜର ମତ ରଖିଛନ୍ତି ସେ ଲେଖିଛନ୍ତି ଏହି ନାମକରଣକୁ ମୁଁ ସ୍ୱାଗତ କରୁଛି । ସ୍ପୋର୍ଟସ୍ ଷ୍ଟାଡିୟମର ନାମକରଣରେ ମଧ୍ୟ ଖେଳାଳିଙ୍କ ନାମ ଆଗକୁ କରାଯିବ ବୋଲି ଆଶା ପୋଷଣ କରାଯାଉଛି । ୟୁଟ୍ୟୁବର ଧ୍ରୁବରାଠେ ଲେଖିଛନ୍ତି ଏହି ନାମକରଣ ସ୍ୱାଗତଯୋଗ୍ୟ । ସ୍ପୋର୍ଟସ୍ ଷ୍ଟାଡିୟମରୁ ମଧ୍ୟ ରାଜନେତାଙ୍କ ନାମ ହଟାଯିବ ବୋଲି ସେ କହିଛନ୍ତି । ଗୁଜୁରାଟର ନେତା ଶଙ୍କର ସିଂ ବାଘେଲା କହିଛନ୍ତି ଧ୍ୟାନଚାନ୍ଦଙ୍କ ନାଁ ଭଳି ନରେନ୍ଦ୍ର ମୋଦୀ ଷ୍ଟାଡିୟମର ନାଁ ମଧ୍ୟ ପରିବର୍ତ୍ତନ କରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ନାମିତ କରାଯାଉ ।

# ବିରୋଧୀ ଦଳର ନେତାମାନଙ୍କୁ ଧରି ଚାଷୀ ଆନ୍ଦୋଳନରେ ସାମିଲ ହେଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ,୦୬/୦୮: କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧ କରି ଚାଷୀମାନେ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଚାଷୀଙ୍କୁ ସମର୍ଥନ ଦେବା ପାଇଁ ଆଜି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଏକାଧିକ ବିରୋଧୀ ଦଳର ନେତାଙ୍କୁ ସାଙ୍ଗରେ ନେଇ ଯନ୍ତରମନ୍ତରରେ ବିକ୍ଷୋଭ କରିଛନ୍ତି । ସେଠାରେ ସେମାନେ କେନ୍ଦ୍ରର କୃଷି ଆଇନକୁ କଳା ଆଇନ ବୋଲି କହିବା ସହ ପୂରା ଦେଶ ଚାଷୀଙ୍କ ସହ ରହିଛି ବୋଲି କହିଛନ୍ତି । ଏଥିସହ କେନ୍ଦ୍ର ବିରୋଧରେ ରଣହୁଙ୍କାର ମଧ୍ୟ ଦେଇଛନ୍ତି । ଚାଷୀଙ୍କ ଯନ୍ତରମନ୍ତର ଆନ୍ଦୋଳନରେ ସାମିଲ ହୋଇ ରାହୁଲ ଗାନ୍ଧି କହିଛନ୍ତି, "କଳା କାନୁନ୍ ବିରୋଧରେ ଆଜି ସମସ୍ତ ବିରୋଧୀ ଦଳର ନେତାମାନେ ଏକାଠି ହୋଇଛନ୍ତି । ସେମାନେ ଏହି ଆଇନକୁ ବିରୋଧ କରିବା




ସହ ଚାଷୀଙ୍କୁ ସମର୍ଥନ ଜଣାଇଛନ୍ତି । ଆମେ ସଂସଦରେ ପେଗାସସ୍ ଉପରେ ଆଲୋଚନା କରିବାକୁ ଚାହୁଁଛୁ । କିନ୍ତୁ ସେମାନେ ଏପରି ହେବାକୁ ଦେଉନାହାନ୍ତି । ନରେନ୍ଦ୍ର ମୋଦି ପ୍ରତି ଭାରତୀୟଙ୍କ ଫୋନକୁ ଯାଞ୍ଚ କରୁଛନ୍ତି ।" ରାହୁଲ ଗାନ୍ଧିଙ୍କ ସହ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାଡଗେ, ଅଧୀର ରଞ୍ଜନ ଚୌଧୁରୀ, ଶିବସେନା ସଞ୍ଜ ରାଉତ, ଆରଜେଡି ନେତା ମନୋଜ ଝା ପ୍ରମୁଖ ଆଜି ଯନ୍ତମନ୍ତର ଯାଇ ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେମାନେ ବ୍ୟାନର ଓ ପୋଷ୍ଟର ଦେଖାଇ କୃଷି ଆଇନକୁ ବିରୋଧ କରିଛନ୍ତି । ତେବେ ବିଏସ୍‌ପି, ଟିଏମସି ଓ ଆପ୍ ରାହୁଲଙ୍କ ନେତୃତ୍ୱରେ ଯନ୍ତରମନ୍ତରରେ ଚାଲିଥିବା ଚାଷୀଙ୍କ ଆନ୍ଦୋଳନରେ ସାମିଲ ହୋଇନାହାନ୍ତି । ▶▶ପୃଷ୍ଠା ୭

## ଶକ୍ତି ବିଭାଗର ୯ଟି ଅନଲାଇନ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଶକ୍ତି ବିଭାଗର ନଅଟି ଅନଲାଇନ ସେବାର ଶୁଭାରମ୍ଭ କରିଛନ୍ତି । ଏହି ଅନଲାଇନ୍ ସେବାଗୁଡିକ ଏକକ ପ୍ଲାଟଫର୍ମ ସହିତ ସଂଯୁକ୍ତ କରାଯାଇଛି । ଉପଭୋକ୍ତାମାନେ edistrict. odisha. gov.in ଏବଂ eicelectricityodisha. nic.in ରେ ଏହାର ସୁବିଧା ନେଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକମାନଙ୍କୁ ▶▶ପୃଷ୍ଠା ୭

# ବିରଞ୍ଚିଙ୍କ ଘରୁ ମିଳିଥିବା ୧୧୪ଟି ଆଡମିଟ କାର୍ଡକୁ ନେଇ ତନାଘନା, ସ୍କାନରରେ ୭ ପ୍ରାର୍ଥୀ

ଭୁବନେଶ୍ୱର,୦୬/୦୮(ନି.ପ୍ର): ଓଡିଶା ଷ୍ଟାଫ ସିଲେକନଓ କମିଶନରେ ଦୁର୍ନୀତିର ଚେର ଖୋଜୁଥିବା ଭିଜିଲାନ୍ସ ବିରଞ୍ଚି ସାହୁଙ୍କୁ ଘନ ଘନ ଜେରା କରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି । ଯଦିଓ ଏହି ରାକେଟରେ ଅନ୍ୟ କେହି ସାମିଲ ଅଛି, ସେ ନେଇ ତଦନ୍ତକାରୀ ସଂସ୍ଥା କୌଣସି ତଥ୍ୟ ଦେଉ ନାହିଁ । ହେଲେ ବିରଞ୍ଚିଙ୍କ ଘରୁ ମିଳିଥିବା ଆଡମିଟ କାର୍ଡ ଓ ତାଙ୍କ ପତ୍ନୀ କରିଥିବା ଇନସ୍ୟୁରାନ୍ସକୁ ନେଇ ତଦନ୍ତ ଆଗକୁ ବଢିଛି । ବିରଞ୍ଚି ସାହୁଙ୍କ ଘରୁ ମିଳିଥିବା ଆଡମିଟ୍ କାର୍ଡରୁ ୭ ଜଣଙ୍କ ବାବଦରେ ଅଧିକ ତଥ୍ୟ



ହାସଲ କରାଯାଉଛି, ସେହିଭଳି ବିରଞ୍ଚିଙ୍କ ପତ୍ନୀଙ୍କ ନିକଟରେ ଇନସ୍ୟୁରାନ୍ସ କରିଥିବା ୨୧ ଜଣ ଏବେ ଭିଜିଲାନ୍ସ ରାଡାର ଭିତରକୁ ଆସିଛନ୍ତି । ବିରଞ୍ଚି ସାହୁଙ୍କ ଘରୁ ଜବତ ହୋଇଥିବା ୧୧୪ ଜଣଙ୍କ ଆଡମିଟ୍ କାର୍ଡ ଭିତରୁ ୧୦୬ ଜଣଙ୍କ କେଉଁଠି ନିଯୁକ୍ତି ମିଳିନଥିବା ବେଳେ ସ୍କାନରରେ ରହିଛି ୭ ଜଣଙ୍କ ଆଡ୍ମିଡ୍ କାର୍ଡ । ଯେହେତୁ ଆଡମିଟ୍ କାର୍ଡ ଜରିଆରେ ନିଯୁକ୍ତି ଦୁର୍ନୀତିର ସମ୍ଭାବନା ରହିଛି, ତେଣୁ ଏହି ୭ ଜଣ କେଉଁଠି ଚାକିରି ପାଇଛନ୍ତି କି ନାହିଁ, ତାହା ଭିଜିଲାନ୍ସର ତଦନ୍ତ ପରିସରରେ ରହିଛି । କିନ୍ତୁ ପ୍ରଶ୍ନ ହେଉଛି- ମେରିଟ ଲିଷ୍ଟରେ ନଥିବା ପିଲାଙ୍କ ଆଡମିଟ୍ କାର୍ଡ କାହିଁକି ରଖିଥିଲେ ବିରଞ୍ଚି ? ବିରଞ୍ଚିଙ୍କ ପାଖକୁ କେଉଁଠୁ ଓ କାହିଁକି ଆସିଲା ଆଡମିଟ୍ କାର୍ଡ ? ଏହା ପଛରେ କଣ ଥିଲା ଉଦ୍ଦେଶ୍ୟ ? ମେରିଟ ଲିଷ୍ଟରେ ନାଁ ନଥିବା ▶▶ପୃଷ୍ଠା ୭

# ଭାରତୀୟ ମହିଳା ହକି ଟିମ ସହ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ,୦୬/୦୮: ଟୋକିଓରେ ମହିଳା ହକି ଦଳର ଲଢୁଆ ପ୍ରଦର୍ଶନ ପରେ ମହିଳା ହକି ଖେଳାଳିଙ୍କ ସହ ଫୋନ ଯୋଗେ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଟୋକିଓରେ ମହିଳା ହକି ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି ମୋଦୀ । ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲା ବେଳେ କାନ୍ଦି ପକାଇଥିଲେ ମହିଳା ଖେଳାଳି । ମୋଦୀ କହିଥିଲେ, ଆପଣମାନଙ୍କ ପାଇଁ ଗର୍ବ ଅନୁଭବ କରୁଛି ଦେଶ । ହକିର ପରିଚୟକୁ ପୁର୍ନଜୀବିତ କରିଥିବା କହିଛନ୍ତି ମୋଦୀ । ଏବଂ ନିରାଶ ହେବାର ନାହିଁ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ । ଅନେକ ଦଶକ ପରେ ଦେଶରେ



ହକି ପୁଣି ପୁର୍ନଜୀବିତ ହୋଇଛି । ଏବଂ ଆପଣମାନଙ୍କ କଷ୍ଟ ଯୋଗୁଁ ଏହା ସମ୍ଭବପର ହୋଇଛି ବୋଲି କହିଛନ୍ତି ମୋଦୀ ।

# ଅଗଷ୍ଟ ୧୬ରୁ ଖୋଲିବ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୬ ତାରିଖରୁ ଖୋଲିବ ଡିଗ୍ରୀ କଲେଜ ଓ ବିଶ୍ୱ ବିଦ୍ୟାଳୟ । ପିଜି ପ୍ରଥମ ବର୍ଷ ଓ ୟୁଜି ପ୍ରି ଫାଇନାଲ୍ ଇୟର୍ ଛାତ୍ରଛାତ୍ରୀଙ୍କ ଲାଗି ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ ହେବ ବୋଲି ଜଣାଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଏଥିସହ ହଷ୍ଟେଲ ଖୋଲିବା ନେଇ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଡିଗ୍ରି କଲେଜର ୟୁଜି ଓ ପିଜି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନଲାଇନ୍ ରେ ଚାଲିଛି । ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଏହି ପରୀକ୍ଷା ଶେଷ



ହୋଇଯିବ । ତାହାକୁ ଦୃଷ୍ଟିରେ ରଖି ୨୦୨୦-୨୧ ଶିକ୍ଷାବର୍ଷରେ ନାମ ଲେଖାଇଥିବା ତଥା ପ୍ରଥମ ବର୍ଷର ପିଜି ଛାତ୍ରଛାତ୍ରୀ ଓ ୟୁଜିର ଅନ୍ୟାନ୍ୟ ସେମିଷ୍ଟାର ପିଲାଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଇଛି । କୋଭିଡ୍ ମୁକାବିଲା ପାଇଁ କ୍ୟାମ୍ପସରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ କୁହାଯାଇଛି ।

## ରଙ୍ଗେଇଲୁଣ୍ଡା ଓ ଜୟପୁରରୁ ଉଡିବ ବିମାନ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ଖୁବ୍ ଶୀଘ୍ର ରଙ୍ଗେଇଲୁଣ୍ଡା ଓ ଜୟପୁରରୁ ଉଡିବ ବିମାନ । ଉଡାନ୍ ଯୋଜନାରେ ଏହି ଦୁଇଟି ସ୍ଥାନରୁ ବିମାନ ଉଡିବ । ଏନେଇ ଯୋଜନା ଶେଷ ପର୍ଯ୍ୟାୟରେ ପହଂଚିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିସାରିଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରଙ୍ଗେଇଲୁଣ୍ଡାଠାରୁ ଭାଇଜାଗ ଓ ଜୟପୁରଠାରୁ ଭାଇଜାଗକୁ ବିମାନ ଚଳାଚଳ କରିବ । ଏଥିପାଇଁ ଦୁଇଟି ଏୟାର ଷ୍ଟ୍ରିପ ସମ୍ପୂର୍ଣ୍ଣ ପ୍ରସ୍ତୁତି ହୋଇ ସାରିଲାଣି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି । ଅପରପକ୍ଷରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାମ ଦଶପଲ୍ଲା ପର୍ଯ୍ୟନ୍ତ ପହଂଚି ସାରିଲାଣି । ଜମି ଅଧିଗ୍ରହଣ ମଧ୍ୟ ଚାଲିଛି । ସେପଟରୁ ବଲାଙ୍ଗିରରୁ ସୋନପୁର ପର୍ଯ୍ୟନ୍ତ କାମ ସରିବାକୁ ବସିଲାଣି । ତେବେ ବୌଦ୍ଧରେ ▶▶ପୃଷ୍ଠା ୭

# କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୩୦୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୭ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପର କଟକ ଜିଲ୍ଲାରେ ୧୧ ଜଣ ଓ ଗଂଜାମ ଜିଲ୍ଲାରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲାରେ୬ ଜଣଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ବଲାଙ୍ଗୀର, ମୟୂରଭଂଜ ଓ ପୁରୀ ଜିଲ୍ଲାରେ ୨-୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ଭଦ୍ରକ,ଝାରସୁଗୁଡା, କନ୍ଧମାଳ, କେନ୍ଦୁଝର, ନୟାଗଡ, ନୂଆପଡା, ରାୟଗଡା ଓ ସମ୍ବଲପୁର ଜିଲ୍ଲାରେ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ଶନିବାର ଓ ରବିବାର ବନ୍ଦ ରହିବ ନନ୍ଦନକାନନ

ଭୁବନେଶ୍ୱର,୦୬/୦୮ (ନି.ପ୍ର): କରୋନା ପାଇଁ ଶନିବାର ଓ ରବିବାର ବନ୍ଦ ରହିବ ନନ୍ଦନକାନନ । ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ କୋଭିଡ-୧୯ ଗାଇଡଲାଇନକୁ ନଜରରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସବୁ ଶନିବାର ଓ ରବିବାର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଉଭୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନ ସୋମବାରରୁ ଶୁକ୍ରବାର ସକାଳ ୭ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ଯାଏଁ ଖୋଲା ରହିବ । ପର୍ଯ୍ୟଟକମାନେ କୋଭିଡ ଗାଇଡଲାଇନକୁ ମାନିବା ସହ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ସେହିପରି ରାଜ୍ୟ ସରକାର ଓ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସାରଣୀ ମାନିବାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପ ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ କୋଭିଡ୍ କଟକଣା କୋହଳ ହେବା ପରେ ଗତ ଅଗଷ୍ଟ ୩ ତାରିଖ ଠାରୁ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ଖୋଲିଛି । ତେବେ ନନ୍ଦନକାନନ ମଧ୍ୟରେ ବୋଟିଂ ଓ ସଫାରି ବନ୍ଦ ରହିଛି ।

# ପଞ୍ଚାୟତ ପାଇଁ ଚାଲିଛି ଭିତିରି ପ୍ରସ୍ତୁତି

## ତାରିଖ ଘୋଷଣା ପୂର୍ବରୁ ରାଜନୈତିକ ଦଳର ରଣନୀତି, ବିଜେପି ପାଇଁ ମୈଦାନକୁ ଓହ୍ଲାଇବେ ଦୁଇ ଓଡ଼ିଆ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୦୬/୦୮: ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନି କିନ୍ତୁ ପଞ୍ଚାୟତଗୁଡିକୁ କିପରି ନିଜ କବଜାକୁ ଆଣିବେ, ସେ ନେଇ ଭିତରେ ଭିତରେ ରଣନୀତି ପ୍ରସ୍ତୁତ କରିଲେଣି ରାଜନୈତିକ ଦଳ । ୨୦୧୭ ନିର୍ବାଚନରେ ଆଶାଠାରୁ ଅଧିକ ସଫଳତା ପାଇଥିବା ବିଜେପି, ୨୦୨୨ରେ ଶାସକ ଦଳକୁ ଟପିଯିବା ପାଇଁ କସରତ ଆରମ୍ଭ କରିଦେଇଛି । ଶୁଣିବାକୁ ମିଳୁଛି, ଅଗଷ୍ଟ ୧୫ ତାରିଖ ପରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି । ବିଜେପିର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା । ନେତା, ଛାମୁଆ ନେତା ଓ କର୍ମୀମାନେ ପଦଯାତ୍ରା କରି ଆବାସ ଯୋଜନା ଦୁର୍ନୀତି, ରାସନ କାର୍ଡ ଦୁର୍ନୀତି ଭଳି ପ୍ରସଙ୍ଗକୁ ଲୋକଙ୍କ ନିକଟରେ ରଖିବେ । ସେପଟେ ପୁଣିଥରେ ପଞ୍ଚାୟତ ରାଜନୀତିକୁ ସଂପୂର୍ଣ୍ଣ ଅକ୍ତିଆରରେ ରଖିବା ପାଇଁ ରଣନୀତି ପ୍ରସ୍ତୁତ କରିଛି ବିଜେଡି । ସବୁଠୁ ଗୁରୁତ୍ୱ କଥା ହେଲା, ବଡ଼ ରାଲି କି ସଭା ନୁହେଁ ପଞ୍ଚାୟତ ନିର୍ବାଚନରେ ମାଇକ୍ରୋ ମ୍ୟାନେଜମେଣ୍ଟ ଉପରେ ଫୋକସ କରିବ ଦଳ । ଆଗଧାଡ଼ିରେ ରହିବେ ଛାତ୍ର ଓ ଯୁବ ନେତା । ଛୋଟ ଛୋଟ ଗ୍ରୁପରେ ଭାଗ ହୋଇ ପ୍ରଥମ ପର୍ଯ୍ୟାୟରେ ସବୁ ଗାଁ ଓ ଗ୍ରାମ ପଞ୍ଚାୟତକୁ ଯିବେ ଛାତ୍ର ନେତା । ଏହାପରେ ବିଜେଡିର ଯୁବ ନେତା ଗାଁ ଗାଁ ବୁଲି ଜନମତକୁ ପ୍ରଭାବିତ କରିବେ । ପରେ ପାଳି ଆସିବ ମହିଳା ନେତ୍ରୀଙ୍କର । ତିନି ଛାମୁଆ ସଂଗଠନର ନେତା ଗାଁ ଗାଁରେ ସଂଗଠନକୁ ସଜାଡିବା ପରେ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି ଯେ ସେମାନେ ଦଳ ଭିତରେ ଥିବା ମନୋମାଳିନ୍ୟ ଦୂର କରିବେ । ଏସବୁ କାମ ସରିବା ବେଳକୁ ଅକ୍ଟୋବର ୨ ହୋଇ ସାରିଥିବ ଓ ଦଳର ପଦଯାତ୍ରା ଆରମ୍ଭ ହୋଇଯିବ । କିଛି ଏଭଳି ଢଙ୍ଗରେ ପଞ୍ଚାୟତ ପ୍ଲାନ ତିଆରି କରିଛି ବିଜେଡି । ବଡ଼ କଥା ହେଉଛି ଅଗଷ୍ଟ ୧୫ରେ ଯେଉଁ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ତାକୁ ମଧ୍ୟ ଗାଁ ଗାଁରେ ପହଁଚାଯିବ । ସେପଟେ କଂଗ୍ରେସ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଇଛି । ପଞ୍ଚାୟତ ନିର୍ବାଚନକୁ ୬ ମାସ ବାକି ଅଛି । ହେଲେ ଏବେଠାରୁ ନିର୍ବାଚନ ମଇଦାନ ପାଇଁ ପ୍ରସ୍ତୁତ ହୋଇଗଲେଣି ନେତା ।

# ଚଳିତ ଖରିଫ ଚାଷ ପାଇଁ ଆବଶ୍ୟକ ପରିମାଣର ସାର ଯୋଗାଣ ଓ କଳାବଜାରୀ ରୋକିବା ଦାବିରେ ଜିଲ୍ଲା କଂଗ୍ରେସ ଓ ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ




ଭଦ୍ରକ,୬/୮ (ନି.ପ୍ର): ଅଧିକ ଅମଳ ପାଇଁ ସାରର ଆବଶ୍ୟକତା ଏକାନ୍ତ ଜରୁରୀ । କିନ୍ତୁ ଚଳିତ ଖରିଫ୍ ଚାଷରେ ଆବଶ୍ୟକ ପରିମାଣର ସାର ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଯୋଗୁଁ ଚାଷ କାର୍ଯ୍ୟ ବାଧାପାପ୍ତ ହେବାକୁ ଯାଉଛି । ବର୍ତ୍ତମାନ ରୁଆ ବେଉଷଣର ସମୟ । ଏହି ସମୟ ଭିତରେ ଚାଷୀ ସାର ନ ପାଇଲେ କରିବ କଣ ? କେନ୍ଦ୍ର ସରକାର ଦେଉ କି ରାଜ୍ୟ ସରକାର ଦେଉ, ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ସାର ଯୋଗାଇବା ଓ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କ ନିକଟରେ ସାର ପହଞ୍ଚାଇବା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ଯଦି ଚାଷୀଙ୍କର ଆୟ ୨୦୨୨ କୁ ଦୁଇଗୁଣା ହେବ ବୋଲି ସରକାର ଘୋଷଣା କରୁଛନ୍ତି, ତେବେ ଶସ୍ୟ ଉତ୍ପାଦନ ପାଇଁ ସାରର ନିଅଣ୍ଟିଆ ପରିସ୍ଥିତି ରହୁଛି କାହିଁକି ? ଏପ୍ରିଲଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଖରିଫ୍ ଚାଷରେ ୟୁରିଆ, ଡିଏପି, ଏନପିକେ, ଏମଓପି ଏପରି ମୋଟ୍ ୯ ଲକ୍ଷ ମେଟ୍ରିକ୍ ଟନ୍ ସାର ପ୍ରୟୋଗ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଗତମାସ ଜୁଲାଇ ୩୧ ତାରିଖ ସୁଦ୍ଧା ଓଡ଼ିଶା କେନ୍ଦ୍ରରୁ ମାତ୍ର ୩ଲକ୍ଷ ୯୦ ହଜାର ୯୭୦ ମେଟ୍ରିକ୍ ଟନ୍ ସାର ପାଇଛି । ରାଜ୍ୟର କୋଟା ଅନୁଯାୟୀ ଗତ ଜୁଲାଇ ୩୧ ତାରିଖ ସୁଦ୍ଧା ୫ ଲକ୍ଷ ୫୭ ହଜାର ମେଟ୍ରିକ୍ ଟନ୍ ସାର ଓଡ଼ିଶା ପାଇବା କଥା । କିନ୍ତୁ ଜୁଲାଇ ଶେଷ ସୁଦ୍ଧା ରାଜ୍ୟ ଆଉ ୨ ଲକ୍ଷ ୩୦ ହଜାର ମେଟ୍ରିକ ଟନ୍ ସାର ପାଇ ନାହିଁ । ଫଳରେ ଚାଷୀ ଚାଷ କ୍ଷେତ୍ରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦ୍ୱାରା ଅନେକ ଜାଗାରେ ୪୫ କେଜି ୟୁରିଆ ବସ୍ତା ପିଛା ୨୬୬.୫୬ ପଇସା ପରିବର୍ତ୍ତେ ଚାଷୀ ୪ଶହରୁ ୫ଶହ ଟଙ୍କା ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି । ବିଭିନ୍ନ ସ୍ଥାନରେ ସାରର ବ୍ୟାପକ କଳାବଜାରୀ ହେଉଛି । ବର୍ତ୍ତମାନ ଆମ ଜିଲ୍ଲାରେ ଯେତିକି ପରିମାଣର ୟୁରିଆ, ଡିଏପି, ଏନପିକେ, ଏମଓପି ସାର ବାଷୀଙ୍କୁ ଯୋଗାଇ ଦେବା କଥା ଏ ପର୍ଯ୍ୟନ୍ତ ସେତିକି ପରିମାଣର ସାର ଚାଷୀ ପାଇ ପାରିନାହାନ୍ତି ବୋଲି ଜିଲ୍ଲା କଂଗ୍ରେସ ଓ ଜିଲ୍ଲା କିଷାନ କଂଗ୍ରେସ କମିଟି ଆରୋପ କରିବା ସହ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛି । ଗତ ଅଗଷ୍ଟ ୨ ତାରିଖ ଦିନ ପିସିସି କିଷାନ କଂଗ୍ରେସ ପକ୍ଷରୁ ଓଡ଼ିଶାର ମହାମହିମ ରଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି, ନରନାରାୟଣ ଜେନା, ଦେବେନ୍ଦ୍ର ମହାନ୍ତି, ଦିଲିପ ନାୟକ, ଅବଦୁଲ ମୁକିତ୍ ଖାଁ, ରାଜକିଶୋର ସ୍ୱାଇଁ, ଜିଲ୍ଲା ମୁଖପାତ୍ର, ଭବେନ୍ଦ୍ର ସାହୁ, ଅନନ୍ତ ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଂଜନ ବାରିକ, ବିଜୟ ବାରିକ, ସତ୍ୟ ପୁହାଣ, ନଫିସ୍ ଖାଁ, ହେମନ୍ତ ମହାପାତ୍ର, ଇଲିୟାସ ଅଲଖାଁ, ସେକ୍ ବବି, ଟୋନି ଅଲି, ରଂଜନ ଜେନା, ରାଜକିଶୋର ପାତ୍ର, ସେକ୍ ଫିରୋଜ ଖାନ୍ ପ୍ରମୁଖ ଜିଲ୍ଲାର ଚାଷୀମାନଙ୍କୁ ଖରିଫ ଚାଷ ପାଇଁ ଆବଶ୍ୟକ ପରିମାଣର ସାର ନିର୍ଦ୍ଧାରିତ ମୂଲ୍ୟ ଓ ସମୟରେ ଯୋଗାଇ ଦେବାର ସୁବ୍ୟବସ୍ଥା କରିବା ଦାବିରେ ଦାବିପତ୍ର ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ ହେବ ବୋଲି ଚେତାବନୀ ଦିଆଯାଇଛି ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ବରିଷ୍ଠ ନେତା ଗଣେଶ୍ୱରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୬/୮ (ନି.ପ୍ର): କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ, ସୁବକ୍ତା ତଥା ନବ ନିଯୁକ୍ତ ରାଜ୍ୟ କଂଗ୍ରେସ କମିଟିର ମିଡିଆ ସେଲର ଚେୟାରମ୍ୟାନ ଗଣେଶ୍ୱର ବେହେରାଙ୍କୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ସମ୍ବର୍ଦ୍ଧିତ କରାଯାଇଛି । ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତିଙ୍କ ଅଧକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାଗଠନିକ ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ପଂଚାନନ କାନୁଗୋ ଯୋଗ ଦେଇ ନବ ନିଯୁକ୍ତ କର୍ମକର୍ତା ଶପଥ ପାଠ କରାଇଥିଲେ । ଉପ ସଭାପତି ପ୍ରଫୁଲ୍ଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିବଂଗତ କଂଗ୍ରେସ କର୍ମୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ଥିଲା । ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,ଚିନ୍ମୟ ବେହୁରା, ଜ୍ଞାନ ବେହୁରା, ଆକବର ଅଲୀ, ଶିବୁ ଲେଙ୍କା ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ କାନୁନଗୋ ଗଣେଶ୍ୱରଙ୍କୁ ରାଜ୍ୟ ମିଡିଆ ସେଲ ଦାୟିତ୍ୱ ଗ୍ରହଣ କରିଥିବାରୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦିପ ପ୍ରଧାନ, ସମ୍ବିତ୍ ଶ୍ରୀଚନ୍ଦନ, ମିର ମୁରସିଦ, ଶରତ କୁମାର ବେହୁରା, ରାଜେଶ ମହାନ୍ତି, ଚିତ୍ରସେନ ପରିଡା, ମୁକ୍ତାର ଖାନ, କମଳାକାନ୍ତ ବେହେରା, ସୌମେନ୍ଦ୍ର ପୃଷ୍ଟି ,ଆଶିଷ ମେକାପ,ସଂଜୟ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଶତ ପ୍ରତିଶତ କୋଭିଡ ଟିକାକରଣ ପାଇଁ ବୈଠକ

ନୂଆପଡା,୬/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରିଷିଗାଁ ଗ୍ରାମ ପଚାଂୟତ କାର୍ଯ୍ୟାଳୟରେ ଶତ ପ୍ରତିଶତ କୋଭିଡ ଟୀକାକରଣ ଲକ୍ଷ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରପଚଂ ମାଲ୍ୟବନ୍ତ ସୁନା ଏଥିରେ ଅଧକ୍ଷତା କରି ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ଯେପରି ଟୀକା ନେବାରୁ ବଂଚିତ ନ ହେବେ ସେ ଦିଗରେ ପ୍ରୟାସ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ନମିତା ସାହୁ ଲୋକଙ୍କ ମନରୁ ଭୂଲ୍ ଚିନ୍ତାଧାରା ଦୂର କରିବାକୁ ଚେଷ୍ଟା କରାଯାଉ ବୋଲି କହିଥିଲେ । ଏଥିରେ ଗ୍ରାମ ପଚାଂୟତର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଯୋଗଦେଇ ଟୀକାକରଣରେ ଦେଖାଦେଉଥିବା ଅସୁବିଧା ଉପରେ ଆଲୋଚନା କରି ସେମାନେ ନିୟମିତ ଏନେଇ ଲୋକଙ୍କୁ ସଚେତନ କରୁଥିବା ଜଣାଇଥିଲେ । ଆଗାମୀ ଦିନରେ ତୃତୀୟ ଲହରରେ ଯେପରି କେହି ଆକ୍ରାନ୍ତ ନ ହେବେ ସେଥିପାଇଁ ନିୟମିତ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା କରିବା, ସାବୁନରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ଅବକାରୀ ଚଢ଼ଉ : ୭୫୦୦ କେଜି ପୋଚ, ୨୪୦ ଲିଟର ଦେଶୀ ମଦ ଜବତ

ଗଞ୍ଜାମ,୬/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅବକାରୀ ବିଭାଗର ଏକ ଟିମ୍ ଆଜି ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମଦ ଭାଟିରେ ଚଢ଼ଉ କରିଛି । ବ୍ରହ୍ମପୁର ଅବକାରୀ ଅଧିକ୍ଷକ ରମେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚିକିଟି ଅବକାରୀ ଷ୍ଟେସନ ଅଂଚଳର କନ୍ଧବିଜିପୁର, ଚଢ଼େଇ ଗାଁ ଓ ଗଉଡୁଣୀ ଗ୍ରାମର ଜଙ୍ଗଲ ଅଂଚଳରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ବିଭିନ୍ନ ସ୍ଥାନରୁ ମୋଟ୍ ୭୫୦୦ କେଜି ଗୁଡ଼ ମିଶ୍ରିତ ପୋଚ ଓ ୨୪୦ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଥିଲା । ପାତ୍ରପୁର ତହସିଲଦାର ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ଏହି ଚଢ଼ଉ ହୋଇଥିଲା । ଚଢ଼ଉରେ ଚିକିଟି, ବିଏସଇ ବିଜୟ କୁମାର ଧାରୁଆ, ଚିକିଟି ରେଞ୍ଜ୍ ଇନ୍ସପେକ୍ଟର ମିହିର କୁମାର ସେଠୀ, ସଦର ରେଞ୍ଜ୍ ଇନ୍ସପେକ୍ଟର ଅର୍ଜ୍ଜୁନ ମଲ୍ଲିକ, ତପସ୍ୱିନୀ ବରାଳ, ସନ୍ତୋଷ କୁମାର ସାହୁ, ସୁବାଷ ଚନ୍ଦ୍ର ମହାକୁଡ଼ ଏବଂ ଜରଡ଼ା ଥାନା ଟିମ୍ ସାମିଲ୍ ଥିଲେ ।

# ଫିରିଙ୍ଗିଆରେ କନିଷ୍ଠ ବର୍ଗର ଦୁଇ ଦିନିଆ ଆଂଚଳିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

କନ୍ଧମାଳ,୬/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ନୋଡାଲ ସ୍କୁଲ ଖେଳ ପଡିଆ ଠାରେ ଦୁଇ ଦିନିଆ କନିଷ୍ଠ ବର୍ଗର ଆଂଚଳିକ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ମା ପିତାବଳୀ ଜୁନିୟର ଫୁଟବଲ କ୍ଲବ ଏହି ପ୍ରତିଯୋଗିତାକୁ ଆୟୋଜନ କରିଥିବା ବେଳେ ଉଦଘାଟନି ଉତ୍ସବରେ ଫିରିଙ୍ଗିଆ ସମାଜ ସେବୀ ସଞ୍ଜୟ କୁମାର ଦିଗାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ସୁବ୍ରତ କୁମାର ମହାନ୍ତି , ବିଶିଷ୍ଟ କ୍ରୀଡା ସଙ୍ଗଠକ ଭବାନୀ ଶଙ୍କର ବେହେରା ଓ ବିଭୁ ମୁଖୀ , ମନୋଜ ବିଶୋୟୀ ,ଦାସରଥି କହଁରଙ୍କ ସହ ନିରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଥମ ଦିନରେ ସମୁଦାୟ ୪ଟି ମ୍ୟାଚ ଖେଳା ଯାଇଥିବା ବେଳେ ଉଦଘାଟନି ମ୍ୟାଚ୍ ମାଝିପଡା ସହିତ ଇଲେଭେନ ଷ୍ଟାର ମଗମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ସୁନାକାଡୁ ସହିତ ସାଇତିଙ୍ଗିଆ , ତୃତିୟ ମ୍ୟାଚ ଫିରିଙ୍ଗିଆ ସହିତ ସାଡିଙ୍ଗିଆ ଓ ଚତୁର୍ଥ ମ୍ୟାଚ ଦଣ୍ଡିକିଆ ସହିତ କଟାପଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୁଇଦିନ ଧରି ଏହି ଖେଳକୁ କନ୍ଧମାଳ ଜିଲ୍ଲାର ଜଣାଶୁଣା ଖେଳ ପରିଚାଳକ ଶୁଶାନ୍ତ କୁମାର କୁଣ୍ଡିଙ୍କ ସହ ବିଜୟ ମୁଖି , ରାଜେଶ କୁମାର ଦିଗାଳ , ରାଜ କୁମାର ଦିଗାଳ , ତଣ୍ଡେଶ୍ୱର କହଁର , ସନ୍ତୋଷ କହଁର , ଉଦ୍ଧବ କହଁର ଓ ସୁମନ ଦିଗାଳ ପରିଚାଳନା କରୁଛନ୍ତି । ଅନ୍ୟପଟେ କୋରେନା କଟକଣା ପାଇଁ ଦିର୍ଘଦିନ ଧରି ଫିରିଙ୍ଗିଆ ଅଂଚଳରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପାରିନଥିବା ବେଳେ ପ୍ରଥମ ଥର ପାଇଁ ଏହି ଫୁଲଟଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାରୁ ଦର୍ଶକ ମାନଙ୍କ ସହ ଅଂଚଳର ଖେଳପ୍ରେମୀ ମାନେ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ଅନ୍ୟପଟେ ଦୁଇଦିନ ଧରି ଏହି ଫୁଟବଲ ପ୍ରତିଯୋଗିତାରେ ଫିରିଙ୍ଗିଆ ଅଂଚଳର ୧୬ ଟି ଆଂଚଳିକ ଫୁଟବଲ କ୍ଲବ ଭାଗ ନେଇଥିବା ଆୟୋଜକ କମିଟି ତରଫକୁ ସୂଚନା ପ୍ରଦାନ କରାଯାଇଛି ।

# ସମ୍ବଲପୁର ମହାନଗର ଅଂଚଳରେ ଚାଲିବ ପରିବେଶ ଅନୁକୂଳ ସ୍ୱଚ୍ଛ ସବାରୀ

ସମ୍ବଲପୁର,୬/୮ (ନି.ପ୍ର): ସମ୍ବଲପୁର ମହାନଗର ଅଂଚଳରେ ଚାଲିବ ବେଟେରୀ ଚାଳିତ ସ୍ୱଚ୍ଛ ସବାରୀ । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଘରକୁ ଘର ଯାଇ ଆଳିଆ ଆବର୍ଜନା ସଂଗ୍ରହ ପାଇଁ ଆରମ୍ଭ ହେଉଛି ସ୍ୱଚ୍ଛ ସବାରୀ । ଏଥିରେ ପ୍ରଥମ ପର୍ଯ୍ୟାୟରେ ୫୫ଟି ବ୍ୟାଟେରୀ ଚାଳିତ ତିନିଚକିଆ ଯାନକୁ ସାମିଲ କରାଯାଇ ମିଶନ ଶକ୍ତି ଗ୍ରୁପର ୧୧୦ ଜଣ ମହିଳାଙ୍କୁ ଏଥିରେ ନିଯୁକ୍ତି ଦିଆଯିବ । ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ ପ୍ରବର୍ତନ ଅଧିକାରୀ ଶୁଭଙ୍କର ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ମିଶନ ଶକ୍ତି ଗ୍ରୁପର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଏହି ସ୍ୱଚ୍ଛ ସବାରୀ ପାଇଁ କେବଳ ମହିଳାମାନଙ୍କୁ ନିଯୁକ୍ତି ଦିଆଯିବ । ପ୍ରତ୍ୟେକ ସ୍ୱଚ୍ଛ ସବାରୀରେ ଜଣେ ଲେଖାଏଁ ମହିଳା ଚାଳକ ଓ ଆବର୍ଜନା ସଂଗ୍ରାହକଙ୍କୁ ନିଯୁକ୍ତି ଦିଆଯିବ । ଏମାନେ ସ୍ୱଚ୍ଛ ସବାରୀ ନେଇ ସହର ସାରା ପ୍ରତ୍ୟେକ ଘରକୁ ଯାଇ ଏଥିରେ ଅଳିଆ ଆବର୍ଜନା ସଂଗ୍ରହ କରି ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ଗୁଡ଼ିକରେ ପହଂଚାଇବେ ।

# ୯ ଦଫା ଦାବି ପୂରଣ ପାଇଁ ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୬/୮ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ୯ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦୁର୍ଗା ପ୍ରସାଦ ମହାରଣାଙ୍କୁ ପ୍ରଦାନ କରାଯାଇଛି । ଗୁରୁବାର ଶତାଧିକ ଆଶାକର୍ମୀ ଏକ ଶୋଭାଯାତ୍ରା ରେ ଆସି ତାଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ସ୍ଲୋଗାନ ଦେବା ସହ ଦାବି ଗୁଡିକୁ ପୂରଣ କରିବା ପାଇଁ ଦାବି କରିଥିଲେ । ଏହିଦାବି ଗୁଡିକ ମଧ୍ୟରେ ଅପରେଶନର ବାକି ଥିବା ଟଙ୍କା, ମାର୍ଶାଘାଇ ସିଏସ୍‌ସି ସମେତ ସମସ୍ତ ସିଏସ୍‌ସିରେ ପ୍ରଦାନ କରାଯାଉ, ଆଶାମର୍କୀଙ୍କୁ ମାଟ୍ରିକ ପରୀକ୍ଷା ଦେବାରେ ସେମାନଙ୍କର ବାକି ଥିବା ଆଡମିଶନ ପଇସା ତୁରନ୍ତ ଦିଆଯାଉ, କୋଭିଡ ଡିୟୁଟି କରିଥିବା ଆଶାକର୍ମୀଙ୍କୁ ତୁରନ୍ତ ପାରିଶ୍ରମିକ ମିଳୁ, କରୋନା ସହାୟତା ମାସିକ ୧୦୦୦ ଟଙ୍କାକୁ ବର୍ଦ୍ଧିତ କରାଯାଉ, ତୁରନ୍ତ ଆଶାକର୍ମୀ ମାନଙ୍କୁ ପଦୋନ୍ନତି ଦିଆଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଉପଦେଷ୍ଟା ରମଣୀ ରଞ୍ଜନ ରାଉତରାୟ, ଭଜହରି ପ୍ରଧାନ, ଅକ୍ଷୟ କୁମାର ମଲିକ, ଜିଲ୍ଲା ସଂପାଦିକା କ୍ରାନ୍ତିପ୍ରଭା ନାୟକ, ସୁମିତ୍ରା ଜେନା, ନନ୍ଦିନୀ ସ୍ୱାଇଁ, ଅମିତାରାଣୀ ନାୟକ, ପ୍ରିୟମ୍ବଦା ସାହୁ, ପୁଷ୍ପାଞ୍ଜଳୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଫିରିଙ୍ଗିଆ ପଂଚାୟତ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ,୬/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ପଂଚାୟତ ମହାବିଦ୍ୟାଳୟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ ସ୍ୱେଚ୍ଛାସେବି ଅନୁଷ୍ଠାନ ଟିମ ବପଦର ବନ୍ଧୁ ଓ ଟିମ୍ ହ୍ୟୁମାନିଟି ଆନୁକୂଲ୍ୟରେ ପଂଚାୟତ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ତଥା ବିପଦର ବନ୍ଧୁ ଅନୁଷ୍ଠାନର ଆବାହକ ନବଘନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ପଂଚାୟତ ସମିତି ଅଧକ୍ଷ ଲାଲନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମିଲନ କୁମାର ପ୍ରଧାନ , ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର , ଫିରିଙ୍ଗିଆ ଥାନାର ଏଏସଆଇ ଉଦୟନାଥ ଅଚାର୍ଯ୍ୟ , କ୍ରାଇମ ହାବିଲଦାର କେଶବ ଚନ୍ଦ୍ର ନାୟକ , ଅଂଚଳର ଜଣାଶୁଣା ସମାଜ ସେବୀ ପ୍ରଦୀପ କୁମାର ମହାପାତ୍ର ଟିମ ହ୍ୟୁମାନିଟି ସଦସ୍ୟ ସଞ୍ଜୟ କୁମାର ଦିଗାଳ , ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ସୁବ୍ରତ କୁମାର ମହାନ୍ତି , ସମ୍ପାଦକ ଉତମ ଖମାରି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପଦର ବନ୍ଧୁ ଟିମର ସଞ୍ଜୟ କୁମାର ସାହୁ , ରାଜେଶ କୁମାର ଦିଗାଳ , ଭବାନିଶଙ୍କର ବେହେରା ଓ ଟିମର ଅନ୍ୟାନ୍ୟ ସଦସ୍ୟ ଓ ସ୍ନାତକ ମହାବିଦ୍ୟାଳୟର ସମସ୍ତ ଅଧକ୍ଷ ଅଧକ୍ଷା ଉପସ୍ଥିତ ଥିଲେ । ଏହି ବୃକ୍ଷ ରୋପଣ ଅବସରରେ ରାଧାଚୁଡା, କୃଷ୍ଣଚୁଡା , ଚାକୁଣ୍ଡା , ସାଗୁଆନ , ରକ୍ତଚନ୍ଦନ , ପିସ୍ତାବାଦାମ , ଭଳି ୧୦୦ ରୁ ଉର୍ଦ୍ଧ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଥିବା ବେଳେ ଏହି ବୃକ୍ଷ ଗୁଡିକୁ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ର ବନରକ୍ଷୀ ଡି ଲଛନିୟା ରେଡି ଯୋଗଇ ଦେଇଥିଲେ । ଅନ୍ୟପଟେ ଚଳିତ ବର୍ଷ ପରି ପ୍ରତ୍ୟେକ ବର୍ଷ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିପଦର ବନ୍ଧୁ ଟିମର ଆବାହକ ନବଘନ ସାହୁ କହିଥିଲେ ।

# ଗଞ୍ଜାମ ଜିଲାପାଳଙ୍କ ଶେରଗଡ଼ ବ୍ଲକ ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ

ଗଞ୍ଜାମ,୬/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ୨୮ଟି ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲରେ ପରିଣତ କରାଯାଇଛି ଓ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଆଜି ଭୋରରୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଶେରଗଡ ବ୍ଲକ ଗସ୍ତରେ ଆସି ଏହିସବୁ ହାଇସ୍କୁଲ ଗୁଡିକ ପରିଦର୍ଶନ କରିବା ସହ ଆସନ୍ତା ୧୦ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରି ବିଦ୍ୟାଳୟ କମିଟିକୁ ହସ୍ତାନ୍ତର କରିବାକୁ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭବତଃ ଏହି ବିଦ୍ୟାଳୟ ଗୁଡିକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମାସ ତୃତୀୟ ସପ୍ତାହରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିବେ, ଏଣୁ ଜିଲା ପ୍ରଶାସନ ପକ୍ଷରୁ ଏଥିନେଇ ତତ୍ପରତା ପ୍ରକାଶ ପାଇଛି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଶେରଗଡ ବିଡିଓ ଶମ୍ଭୁନାଥ ନନ୍ଦୀ, ବିଇଓ ଭାସ୍କର ଲେଙ୍କା, ଇଂଜିନୟର କେଦାରନାଥ ପଣ୍ଡା, ମନୋଜ କୁମାର ବେହେରା ଓ ପବିତ୍ରମୋହନଙ୍କ ସମେତ ବିଜେଡି ନେତା ମେଘନାଦ ଦାସ, ସରପଚଂଙ୍କ ପ୍ରତିନିଧି ବାଲାଜି ପ୍ରଧାନ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ ।

# ୬୦ ଲିଟର ମଦ ଜବତ : ୪ ଗିରଫ

ଖୋର୍ଦ୍ଧା,୬/୮ (ନି.ପ୍ର): ଚୋରା ମଦ କାରବାର ଅଭିଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖୋର୍ଦ୍ଧା ଅବକାରୀ ବିଭାଗ ୪ଜଣଙ୍କୁ ଗିରଫ କରିବା ସହିତ ଏମାନଙ୍କ ଠାରୁ ୬୦ ଲିଟର ଦେଶୀ ମଦ ଓ ଗୋଟିଏ ଗାଡ଼ି ଜବତ କରିଛି । ଗିରଫ ବ୍ୟକ୍ତି ଦଧିମାଛଗାଡ଼ିଆର ନଳିନୀକାନ୍ତ ବିଶ୍ୱାଳ, ମଧୁସୂଦନ ପ୍ରଧାନ, କାଇପଦରର ସୋମନାଥ ଜେନା, ରଣପୁର ଥାନା ଆମ୍ବଝରି ଗାଁର ବିକାଶ ଶ୍ରୀଚନ୍ଦନ । ସୂଚନା ମୁତାବକ ଖୋର୍ଦ୍ଧା ଅବକାରୀ ବିଭାଗ ଆଜି ଚୋରା ମଦ କାରବାର କରୁଥିବା ଦେଉଳି, ଦଧିମାଛଗଡ଼ିଆ ଓ କାଇପଦର ଅଂଚଳରେ ଚଢ଼ାଉ କରିଥିଲା ।

# ଦେଓଦା ପଂଚାୟତର ସମୀକ୍ଷା କଲେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ

ଧର୍ମଶାଳା,୬/୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନ ଅନ୍ତର୍ଗତ ଦେଓଦା ପଂଚାୟତର ସଂାଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ପଂଚାୟତର ବିକାଶ କାର୍ଯ୍ୟ ସମ୍ପର୍କରେ ପଂଚାୟତ ନେତୃମଣ୍ଡଳୀଙ୍କ ସହ ସମୀକ୍ଷା କରିଛନ୍ତି । ଏହି ବୈଠକରେ ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ.ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି,ବିଜେଡି ସଂଗଠକ ଅମରେନ୍ଦ୍ର ରାୟ,ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ,ପଂଚାୟତ ସଭାପତି ନିତ୍ୟାନନ୍ଦ ମହାନ୍ତି ଓ ପିତାମ୍ବର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବିଧାୟକଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ଓ ବୃକ୍ଷରୋପଣ

କେନ୍ଦ୍ରାପଡ଼ା,୬/୮ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୧ନଂ ୱାର୍ଡର ୧୩ ଜଣ ଓ ୨ନଂ ୱାର୍ଡର ୨୯ ଜଣ ମୋଟ୍ ୪୨ ଜଣ ହିତାଧିକାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଧାୟକ ଶ୍ରୀ ବେହେରା କାର୍ଯ୍ୟାଦେଶ ବଣ୍ଟନ କରି ଏହା ସହ ପୌର ପରିଷଦ ପରିସରରେ ନବୀକରଣ କରାଯାଇ ଥିବା ପୁଷ୍କରିଣୀ ନିକଟରେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶାସନ ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ କେନ୍ଦ୍ରାପଡା ବନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଫିସର କର୍ମଚାରୀ, ଅଶୋକ କୁମାର ସାହୁ, ତପସ୍ୱନୀ ଦାସ, ସୁଚିତ୍ରା ଜେନା, ମନରଞ୍ଜନ ଦାସ, ମାନସ ମହାନ୍ତି, କ୍ଷିରୋଦ ପାତ୍ର, ଭୁବନ ମୋହନ କାନୁନଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମ୍ଧରେ ପୂର୍ବତନ ଚେୟାରମ୍ୟାନ ଧିରେନ କୁମାର ସାହୁ, ରୋସନା ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ମଙ୍ଗଳ ବରେଣ ସିଂହ, ରଞ୍ଜିତ ସାହୁ , ବିଜୟ ପତି, ରାଜ୍ୟ ସାଧାରଣ ସଂପାଦକ ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଫିରିଙ୍ଗିଆ ବ୍ଲକର ୩ଟି ଜାଗାରେ ଟାୱାର ଅଛି ମୋବାଇଲ ନେଟୱାର୍କ ନାହିଁ

କନ୍ଧମାଳ,୬/୮ (ନି.ପ୍ର): ବର୍ଷେ କି ଦୁଇ ବର୍ଷ ନୁହେଁ । ପ୍ରାୟ ପାଂଚ ବର୍ଷ ଧରି ସମସ୍ତ କାମ ସରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ପାରୁନି ମୋବାଇଲ ନେଟୱର୍କ । ଏହି ଅସୁବିଧା ଭୋଗୁଛନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ବୈରକୁମ୍ପା ଓ ଗୋଛାପଡା ଅଂଚଳର ଲୋକେ । ଫିରିଙ୍ଗିଆ ବ୍ଲକ ଅଧିନରେ ଅନେକ ଏମିତି ଗାଁ ରହିଛି ଯେଉଁ ଗାଁ ମାନଙ୍କ ରେ ଏବେବି ମୋବାଇଲ ସେବା ସାତ ସପନ ପାଲଟିଛି । କୌଣସି ଜରୁରି କାମ ପଡିଲେ ଏହି ଉପାନ୍ତ ଅଂଚଳର ଗାଁ ମାନଙ୍କରେ ବସବାସ କରୁଥିବା ଜନସାଧାରଣଙ୍କୁ ମୋବାଇଲ ନେଟୱାର୍କ ଖୋଜିବା ପାଇଁ ବଣପାହାଡ ଚଢିବାକୁ ପଡୁଥିବା ବେଳେ କେହିକେହି ଏହି ମୋବାଲ ନେଟୱାର୍କ ପାଇଁ ମାଇଲମାଇଲ ବାଟ ଚାଲିଚାଲି ଯିବାକୁ ପଡୁଛି । ବିଶେଷ କରି ବର୍ତମାନ ଏହି ମୋବାଲ ନେଟୱାର୍କ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏହି ଅଂଚଳର ଛାତ୍ରଛାତ୍ରୀ ମାନଙ୍କୁ ଅନଲାଇନ କ୍ଲାସ କରିବା ପାଇଁ ପହାଡ ମୁଣ୍ଡିଆ ନହେଲେ ଜଙ୍ଗଲ ମଧରେ ଥିବା ବଡବଡ ଗଛ ଗୁଡିକ ଉପରେ ଚଢି ମୋବାଇଲରେ ଅନଲାଇନରେ ପାଠ ପଢୁଛନ୍ତି । ଯାହାକି ଅନଲାଇନ ପାଠ ପଢୁଥିବା ଛାତ୍ରଛାତ୍ରି ମାନଙ୍କ ପାଇଁ ବିପଦ ମଧ ରହିଛି । ମୋବାଇଲ ନେଟୱର୍କ ସମସ୍ୟାକୁ ଆଖି ଆଗରେ ରଖି ଓ ଅଂଚଳ ବାସୀଙ୍କ ବାରମ୍ବାର ଅଭିଯୋଗ କ୍ରମେ ଜିଓ କମ୍ପାନି ଏହି ଫିରିଙ୍ଗିଆ ବ୍ଲକର ଗୋଛାପଡା ଓ କେଳାପଡା ପଂଚାୟତ ବୈରକୁମ୍ପା ଠାରେ ଦୁଇଟି ମୋବାଇଲ ଟାୱାର ନିର୍ମାଣ କରାଯାଇଛି । ଟାୱାର ନିର୍ମାଣ ହୋଇ ସବୁ କାମ ସରିବାର ପ୍ରାୟ ୫ ବର୍ଷ ବିତିଗଲାଣି । କିନ୍ତୁ, ସମ୍ପୃକ୍ତ ମୋବାଇଲ ନେଟୱାର୍କ କର୍ତ୍ତୁପକ୍ଷଙ୍କ ଉଦାସିନତା ଓ ଖାମଖିଆଲି ମନବୃତି ପାଇଁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ଏହି ଦୁଇଟି ଜିଓ ଟାୱାର । ଯାହାପାଇଁ ଏହି ଗୋଛାପଡା ଓ କେଳାପଡା ଅଂଚଳରେ ବର୍ତମାନ ଜନ ଅସନ୍ତୋଷ ଦେଖାଦେଇଛି । ଟାୱାର କାର୍ଯ୍ୟକ୍ଷମ ହୋଇପାରୁନଥିବାରୁ ଗୋଛାପଡା ଅଂଚଳର ୩୦ ରୁ ୪୦ ଟି ଗାଁ ର ଲୋକେ ଓ କେଳାପଡା ଅଂଚଳର ୩୦ ରୁ ୪୦ ଟି ଛୋଟବଡ ଗାଁର ଲୋକେ ଜିଓ ମୋବାଇଲ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏହି ଅଂଚଳରେ କେବଳ ବିଏସଏନଏଲ ଏକମାତ୍ର ଭରସା ସାଜିଥିବା ବେଳେ ତାହା ମଧ ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ସମାନ୍ୟ ଟିକିଏ ବର୍ଷା କିମ୍ବା ପବନ ହେଲେ ଦିନ ଦିନ ଧରି ଏହି ବିଏସଏନଏଲ ମୋବାଇଲ ସେବା ଉଭାନ ହୋଇଯାଉଛି । ଯାହାଫଳରେ ଏହି ଅଂଚଳ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ପରି ମନେ ହେଉଛି । ବାରମ୍ବାର ଅଭିଯୋଗ ପରେ ମଧ ଜିଓ କର୍ତ୍ତୁପକ୍ଷ କର୍ଣ୍ଣପାତ କରୁନଥିବା ବେଳେ ଏବେ ଏହି ଜିଓ ଟାୱାର ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଂଚଳ ବାସୀ ଦାବି କରିଛନ୍ତି । ଆଗାମି କିଛିଦିନ ମଧରେ ଏହି ଅଂଚଳ ମାନଙ୍କରେ ଜିଓ ଟାୱାର କାର୍ଯ୍ୟକ୍ଷମ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅପଣେଇବେ ବୋଲି କହିଛନ୍ତି କେଳାପଡା ଅଂଚଳର ନବକିଶୋର ବେହେରା, ଫଂଚୁ ବେହେରା, ଦୁର୍ଯ୍ୟୋଧନ ମୁଖୀ, ଅନନ୍ତ ମୁଖୀ, ସଞ୍ଜୟ କୁମାର ସାହୁ, ସୁଧାଂଶୁ କୁମାର କହଁର, ଶୈଳେନ୍ଦ୍ର କୁମାର ସାହୁ, ରତ୍ନମଣି ବେହେରା, ସୁମନ ବେହେରା, ବିଶିକେଶନ ବେହେରା, ଭ୍ରମର ନାୟକ, ବିଶ୍ରବା ନାୟକଙ୍କ ସହ ଅନ୍ୟାନ୍ୟ ଅଂଚଳ ବାସୀ ମାନେ ।



ଦିଲ୍ଲୀପ କୁମାର ସାହୁ

## ବିରାଟ କଟକର ଅଷ୍ଟଶମ୍ଭୁ

**ଚୌଦ୍ୱାରର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ପ୍ରଭୁ ଶ୍ରୀ ଶ୍ରୀ କେଦାରେଶ୍ୱର। ପ୍ରତ୍ନତତ୍ତ୍ୱ ବିଭାଗ ର ତଥ୍ୟ ଅନୁସାରେ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀର କିର୍ତ୍ତୀ। ମନ୍ଦିରର ପ୍ରାୟ ଅର୍ଦ୍ଧାଧିକ ଅଂଶ ଭାଙ୍ଗିଯାଇଛି। ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଏହାର ପୁନଃନିର୍ମାଣ କରାନଯାଇ ଅର୍ଦ୍ଧଭଗ୍ନ ଅଂଶକୁ ସଂରକ୍ଷିତ କରି ରଖାଯାଇଛି। ପ୍ରଭୁ କେଦାରେଶ୍ୱର, ସ୍ଥାନୀୟ ଲୋକଙ୍କ ମଧ୍ୟରେ ବୁଢାଲିଙ୍ଗ ଭାବରେ ଖ୍ୟାତ। ପ୍ରାୟ ଏକ ଏକର ସ୍ଥାନରେ ଏକ ସୁରମ୍ୟ ପୁଷ୍କରିଣୀ କୂଳରେ ପ୍ରତିଷ୍ଠିତ ଏହି ଶୈବପୀଠ ଯେଉଁଠି ଅର୍ଦ୍ଧଭଗ୍ନ ମନ୍ଦିର ମଧ୍ୟରେ ପୂଜା ପାଆନ୍ତି ପ୍ରଭୁ କେଦାରେଶ୍ୱର ।**





ଓଡ଼ିଶାର ପୁରାତନ ଶିଳ୍ପ ନଗରୀ ଚୌଦ୍ୱାର। ଏକଦା ସହରକୁ ପ୍ରାଣବନ୍ତ କରି ରଖିଥିଲା ରାଜ୍ୟର ପ୍ରଥମ ଲୁଗାକଳ ଓଟିଏମ୍, ପ୍ରଥମ କାଗଜ କଳ ଟିପିଏମ୍ ଓ କଳିଙ୍ଗ ଟ୍ୟୁବ୍ସ ପରି ଭାରିଶିଳ୍ପ ସବୁ। ଏହି କାରଖାନା ଗୁଡିକ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ ଶହଶହ ପରିବାର। ବିଭିନ୍ନ କାରଣରୁ କାରଖାନା ସବୁ ବନ୍ଦ ହୋଇଗଲା। ଚୌଦ୍ୱାର ପାଲଟିଗଲା ଏକ ମୃତ ସହର ।

ଅବଶ୍ୟ ବିଂଶ ଶତାବ୍ଦୀର ଶେଷ ଭାଗରେ ଚୌଦ୍ୱାରରେ ପ୍ରତିଷ୍ଠିତ ହେଲା ଆଇସିସିଏଲ୍ ଯାହାକି ଏବେ ଇମ୍ଫା ଭାବରେ ପରିଚିତ ।



ସେହି ଶିଳ୍ପ ଯୋଗୁ ଏ ସହର ଏବେ ଜୀବନ ପାଇଛି ଯେପରି । କଟକ ସହରଠାରୁ ମାତ୍ର ଦଶ କିଲୋମିଟର ଦୂରରେ ବିରୁପା ନଦୀ କୂଳରେ ଅବସ୍ଥିତ ଚୌଦ୍ୱାରର ସ୍ଥିତି, କେବଳ ଓଡିଶା ଇତିହାସ ଓ ଭୂଗୋଳ ସହିତ ଜଡିତ ନୁହେଁ।

ମହାଭାରତ ପରି ମହାପୁରାଣରେ ମଧ୍ୟ ଏହାର ବର୍ଣ୍ଣନା ରହିଛି। କୁହାଯାଏ ଚୌଦ୍ୱାର ଥିଲା ବିରାଟ ରାଜାଙ୍କ ରାଜଧାନୀ। ତେଣୁ ଏହା ବିରାଟ କଟକ ଭାବରେ ଖ୍ୟାତ ।

ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ଏ ସମ୍ପର୍କରେ କିଛି ତଥ୍ୟ ଓ ପ୍ରମାଣ ମଧ୍ୟ ମିଳିଛି । ଦ୍ୱାପର ଯୁଗର ସେହି ସ୍ମୃତି ବହନ କରେ ସର୍ବେକ୍ଷଣ ସମୟରେ ମାଟିତଳୁ ଖୋଳାଯାଇଥିବା ଏକ ଦୁର୍ଗର ଭଗ୍ନାବଶେଷ, ଯାହାକୁ କି ବିରାଟ ରାଜାଙ୍କ ଭଗ୍ନ ରାଜପ୍ରାସାଦର ଅଂଶ ମନେକରାଯାଏ ଏବଂ ଚୌଦ୍ୱାର ଓ ଏହାର ଆଖପାଖରେ ଥିବା ଅଷ୍ଟଶମ୍ଭୁ ମନ୍ଦିର । କିମ୍ବଦନ୍ତୀ କହେ ରାଜା ବିରାଟ ଥିଲେ ଜଣେ ଶିବଭକ୍ତ ଓ ସେ ସେହି ଅଷ୍ଟଶମ୍ଭୁଙ୍କ ପ୍ରତିଷ୍ଠାତା। କିନ୍ତୁ ଇତିହାସ କହେ ଚୌଦ୍ୱାରର ଅଷ୍ଟଶମ୍ଭୁ ମନ୍ଦିର ଗୁଡିକ ଗଙ୍ଗବଂଶ ରାଜାମାନଙ୍କ କୃତି। ଇତିହାସ ସତ ହେଉକି ପୁରାଣ, ବର୍ଷ ବର୍ଷ ଧରି ସେହି ମନ୍ଦିର ଗୁଡିକ କିନ୍ତୁ ଭଗ୍ନ ଅବସ୍ଥାରେ ପଡିରହିଥିଲା । ପରବର୍ତ୍ତୀ ସମୟରେ କିଛି ମନ୍ଦିର ସ୍ଥାନୀୟ ଲୋକଙ୍କ ଦ୍ୱାରା ଓ ଆଉକିଛି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନୂଆକରି ଗଢାଯାଇଛି।

ଚୌଦ୍ୱାରର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ପ୍ରଭୁ ଶ୍ରୀ ଶ୍ରୀ କେଦାରେଶ୍ୱର ।

ପ୍ରତ୍ନତତ୍ତ୍ୱ ବିଭାଗର ତଥ୍ୟ ଅନୁସାରେ ମନ୍ଦିରଟି ଦ୍ୱାଦଶ ଶତାବ୍ଦୀର କିର୍ତ୍ତୀ। ମନ୍ଦିରର ପ୍ରାୟ ଅର୍ଦ୍ଧାଧିକ ଅଂଶ ଭାଙ୍ଗିଯାଇଛି । ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଏହାର ପୁନଃନିର୍ମାଣ କରାନଯାଇ ଅର୍ଦ୍ଧଭଗ୍ନ ଅଂଶକୁ ସଂରକ୍ଷିତ କରି ରଖାଯାଇଛି। ପ୍ରଭୁ କେଦାରେଶ୍ୱର, ସ୍ଥାନୀୟ ଲୋକଙ୍କ ମଧ୍ୟରେ ବୁଢାଲିଙ୍ଗ ଭାବରେ ଖ୍ୟାତ। ପ୍ରାୟ ଏକ ଏକର ସ୍ଥାନରେ ଏକ ସୁରମ୍ୟ ପୁଷ୍କରିଣୀ କୂଳରେ ପ୍ରତିଷ୍ଠିତ ଏହି ଶୈବପୀଠ ଯେଉଁଠି ଅର୍ଦ୍ଧଭଗ୍ନ ମନ୍ଦିର ମଧ୍ୟରେ ପୂଜା ପାଆନ୍ତି ପ୍ରଭୁ କେଦାରେଶ୍ୱର ।

ଅଷ୍ଟଶମ୍ଭୁଙ୍କ ମଧ୍ୟରୁ ଦୁଇଜଣ ପୂଜା ପାଆନ୍ତି ଚୌଦ୍ୱାର ନିକଟବର୍ତ୍ତୀ ଆଗ୍ରାହାଟ ଗ୍ରାମରେ। ସେମାନେ ହେଲେ ମଣିନାଗେଶ୍ୱର ଓ ଉତ୍ତରେଶ୍ୱର । କନ୍ୟା ଉତ୍ତରା, ଶିବ ଆରାଧନା କରିବା ନିମନ୍ତେ ବିରାଟ ରାଜା ପ୍ରତିଷ୍ଠା କରିଥିବା ମନ୍ଦିରଟି ଉତ୍ତରେଶ୍ୱର ଭାବରେ ଖ୍ୟାତ। ମନ୍ଦିର ନିକଟରେ ଜନ୍ମେଜୟ ସର୍ପ ଯଜ୍ଞ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଉତ୍ତରେଶ୍ୱରଙ୍କ ମନ୍ଦିରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଇଛି। ଏହି ଶୈବପୀଠର ବଡ ପର୍ବହେଲା ଦୋଳ ଉତ୍ସବ, ଯାହାକି ଫାଲ୍ଗୁନ ଶୁକ୍ଳ ଏକାଦଶୀ ବା ଫଗୁ ଏକାଦଶୀ ପ୍ରତ୍ୟୁଷରୁ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ବାଇଶିଗୋଟି ଦୋଳବିମାନ ଏଠାରେ ଏକାଠି ହୋଇ ହରିହର ଭେଟ କରିଥାନ୍ତି। ସେହିଦିନ ସାରା ଏଠାରେ ପ୍ରବଳ ଜନ ଗହଳି ଲାଗିରହିଥାଏ।

ଉତ୍ତରେଶ୍ୱରଙ୍କଠାରୁ ଅନତି ଦୂରରେ ଅବସ୍ଥିତ ମଣିନାଗେଶ୍ୱର ମନ୍ଦିର। ମନ୍ଦିରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। କେବଳ ଶିବଲିଙ୍ଗଟି ଦୃଶ୍ୟମାନ ହେଉଥିଲା। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଇଂରେଜ ସରକାର ଯୁଦ୍ଧ ପାଇଁ ଚୌଦ୍ୱାରରେ ଏକ ବିମାନଘାଟି ପ୍ରତିଷ୍ଠା କରିଥିଲେ ଓ ଆଗ୍ରାହାଟ ଗ୍ରାମରେ ସେନା ଛାଉଣୀ ନିର୍ମାଣ କରିଥିଲେ । ସେତେବେଳେ ମଣିନାଗେଶ୍ୱର ପୀଠ ଚତୁର୍ପାର୍ଶ୍ୱେ ଥିଲା ନାଗସାପମାନଙ୍କ ଚରାଭୂଇଁ। ତେଣୁ ସେମାନଙ୍କ କବଳରୁ ରକ୍ଷା ପାଇବା ନିମନ୍ତେ ଜଣେ ସ୍ଥାନୀୟ ପଣ୍ଡିତଙ୍କ ପରାମର୍ଶ କ୍ରମେ ବ୍ରିଟିଶ ପ୍ରଶାସନ ପକ୍ଷରୁ ପ୍ରଭୁଙ୍କ ପାଇଁ ଛୋଟ ଘରଟିଏ ନିର୍ମାଣ କରାଯାଇଥିଲା । ସ୍ୱାଧୀନତା ପରେ କିଛି ବ୍ୟବସାୟୀ ଅର୍ଥ ଦାନ କରି ବର୍ତ୍ତମାନର ନୂତନ ମନ୍ଦିରଟି ନିର୍ମାଣ କରିଥିଲେ।







ଚୌଦାର ସହରର ପଶ୍ଚିମ ଦିଗରେ ରହିଛି ବାଲିଚତୁରୀ ଓ ବନ୍ଦାଳ ଗ୍ରାମ। ସେହି ଗ୍ରାମଦ୍ୱୟ ମଝିରେ ବିଦ୍ୟମାନ ଅଷ୍ଟଶମ୍ଭୁଙ୍କ ମଧ୍ୟରୁ ଅନ୍ୟତମ ସମ୍ଭୁ ବାଲୁଙ୍କେଶ୍ୱର। ମନ୍ଦିରର ପୁନରୁଦ୍ଧାର ସ୍ଥାନୀୟ ଲୋକଙ୍କ ଦ୍ୱାରା କରାଯାଇଛି। ପ୍ରତିଦିନ ମାନଶିକଧାରୀ ମାନଙ୍କର ଗହଳି ଏଠାରେ ଦେଖିବାକୁ ମିଳେ। ଶିବରାତ୍ରି ପୀଠର ବଡ ପର୍ବ ।



ଚୌଦ୍ୱାର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ଅନ୍ୟତମ ପ୍ରମୁଖ ସମ୍ଭୁ ହେଲେ କପାଳେଶ୍ୱର। ପ୍ରଭୁଙ୍କ ମନ୍ଦିରଟି ସହରଦେଇ ଯାଇଥିବା ବୟାଳିଶ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ଅବସ୍ଥିତ। ଦ୍ୱାପର ଯୁଗର ଏହି ଶୈବ ପୀଠର ପୁନରୁଦ୍ଧାର ପ୍ରଥମେ ଦଶମ ଶତାବ୍ଦୀରେ ତତ୍କାଳୀନ ସୋମବଂଶୀୟ ରାଜା ମାନଙ୍କ ଦ୍ୱାରା କରାଯାଇଥିଲା। ପୁନଶ୍ଚ ମନ୍ଦିରର ନବକଳେବର ସ୍ଥାନୀୟ ଲୋକଙ୍କ ଦ୍ୱାରା କରାଯାଇଛି । ମନ୍ଦିରର ରୂପ ବଦଳିଛି ଓ ଏଠାରୁ ପ୍ରାପ୍ତ ପ୍ରାଚୀନ ମୂର୍ତ୍ତି ଗୁଡିକୁ ମନ୍ଦିର ପରିସରରେ ସୁରକ୍ଷିତ ଭାବରେ ସାଇତା ଯାଇଛି । ଚୌଦ୍ୱାରର ମୁଣ୍ଡମାଳ ଗାଁରେ ରହିଛି ଅନ୍ୟତମ ଅଷ୍ଟଶମ୍ଭୁ ଝୋଟେଶ୍ୱରଙ୍କ ବିଜେସ୍ଥଳି। ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ପ୍ରଭୁଙ୍କ ଭଗ୍ନ ମନ୍ଦିରକୁ ସୁନ୍ଦର ଭାବରେ ନୂଆ ରୂପ ଦିଆଯାଇଛି । ପ୍ରଭୁ ଏ ଗ୍ରାମର ଅଧିଷ୍ଠାତା ହୋଇଥିବାରୁ ଗ୍ରାମର ଅଧିକାଂଶ ଅନୁଷ୍ଠାନ ପ୍ରଭୁଙ୍କ ନାମରେ ନାମିତ।

ଚୌଦ୍ୱାର ଅଷ୍ଟଶମ୍ଭୁଙ୍କ ଶେଷ ଦୁଇଜଣ ଚାଟେଶ୍ୱର ଓ ବଟେଶ୍ୱର । ଏହି ଦୁଇ ସମ୍ଭୁଙ୍କ ମନ୍ଦିର ଚୌଦ୍ୱାର ଗାଁ ସ୍ମସାନ ନିକଟସ୍ଥ ଗୋଟିଏ ପରିସରରେ ଅବସ୍ଥିତ ।

ଅଷ୍ଟଶମ୍ଭୁଙ୍କୁ ଛାଡି ଚୌଦ୍ୱାରରେ ରହିଛି ଆଉ ଏକ ମହାଭାରତ ଯୁଗୀୟ ଶୈବପୀଠ ।

ତାହାହେଲା ବାବା ବୈଦ୍ୟେଶ୍ୱରଙ୍କ ମନ୍ଦିର।

ଏଠାରେ ଏକ ଚିରଶ୍ରୋତା ଝରଣା ରହିଛି। ଏହି ଝରଣା ଜଳ ବେଶ୍ ମଧୁର ଓ ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି। ତେଣୁ ଆଖପାଖର ଅଧିକାଂଶ ଲୋକ ଏହି ଝରଣାର ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିଥାନ୍ତି । ଏହି ଝରଣାର ଉତ୍ପତ୍ତି ସମ୍ପର୍କରେ ମଧ୍ୟ ଏକ ଲୋକକଥା ରହିଛି । ପାଣ୍ଡବମାନେ ସେମାନଙ୍କ ଅଜ୍ଞାତବାସ ବିରାଟ ରାଜାଙ୍କ ରାଜନବରରେ କଟାଇଥିଲେ । ସେତେବେଳେ ଚୌଦ୍ୱାର ଅଞ୍ଚଳରେ ଘୋର୍ ଜଳ ସଙ୍କଟ ଦେଖାଦେଇଥିଲା । ସେହି ସଙ୍କଟର ମୁକାବିଲା କରିବା ପାଇଁ ତୃତୀୟ ପାଣ୍ଡବ ଅର୍ଜୁନ ନିଜ ସରମୁନରେ ସୃଷ୍ଟି କରିଥିଲେ ଏହି ଝରଣା, ଯାହାକି ଦ୍ୱାପର ଯୁଗରୁ ଆଜିଯାଏ ଝରି ଚାଲିଛି । ବିରାଟ କଟକର ଏହି ପୁରାଣ ଯୁଗୀୟ ଶୈବପୀଠ ଗୁଡ଼ିକ ଆମ ଐତିହ୍ୟ ଓ ପରମ୍ପରାକୁ କରିଛି ବେଶ୍ ଋଦ୍ଧିମନ୍ତ। ସମୟ ସୁବିଧା ପାଇଲେ ଆସନ୍ତୁ ଚୌଦ୍ୱାର ଓ ଦେଖିବାର ସୁଯୋଗ ନିଅନ୍ତୁ ଏହିସବୁ ପ୍ରାଚୀନ କୀର୍ତ୍ତିରାଜିର।

+ ଶଙ୍କରପୁର, ଚାରବାଟିଆ,
ଚୌଦ୍ୱାର, କଟକ
(ମୋ) ୯୮୬୧୧୨୬୧୯୭

## ଶିକ୍ଷା ଦେଉଛି ଜାପାନ



ବୌଦ୍ଧ ଧର୍ମାବଲମ୍ବୀ ଜାପାନ ରାଷ୍ଟ୍ର ବିଶ୍ୱସ୍ତରରେ ସବୁବେଳେ ପ୍ରଶଂସାରେ ରହିଆସିଛି । ଶାନ୍ତିପ୍ରିୟ ଏଠାକାର ଲୋକେ ଜନସଂଖ୍ୟା, ଖାଦ୍ୟପାନୀୟ ଓ ସୁସ୍ଥତା ବାବଦରେ ଖୁବ ସଚେତନ । ଜାପାନରେ ଜନସଂଖ୍ୟା ସବୁବେଳେ ନିୟନ୍ତ୍ରଣରେ ରହିଆସିଥିବାବେଳେ ପ୍ରଦୂଷଣ ସେଠାରେ ୨%ରୁ କମ ସ୍ତରରେ ଥିବାର ଜଣାପଡ଼ିଛି । ସ୍ଥାନୀୟ ପ୍ରଶାସନର ପଦକ୍ଷେପକୁ ମଧ୍ୟ ପ୍ରଶଂସା କରାଯିବା ଉଚିତ । ପ୍ରମୁଖ ରାଷ୍ଟ୍ରମାନେ ଜଳ ସଙ୍କଟ ସମସ୍ୟାକୁ ନେଇ ଆଦୌ ସଚେତନ ନଥିବାବେଳେ ଜାପାନ କିନ୍ତୁ ୧୯୯୧ରୁ ପଦକ୍ଷେପ ନେବାକୁ ଆରମ୍ଭ କରିଛି । ସେଠାରେ ବର୍ଷା ହେଲେ ତାହାକୁ ବିଭିନ୍ନ ଉପାୟରେ ସଂରକ୍ଷିତ କରାଯାଇଥାଏ । ପରବର୍ତ୍ତୀ ସମୟରେ ସେଇ ପାଣିକୁ ରାସ୍ତାକଡ଼ ଗଛରେ ଦିଆଯିବା ସହ ରାସ୍ତାଘାଟ ସଫା ମଧ୍ୟ କରାଯାଇଥାଏ । ମିଳିଥିବା ତଥ୍ୟ ଅନୁସାରେ ଏଇ ପ୍ରୋଜେକ୍ଟ ଆରମ୍ଭ ଦିନରେ ସରକାର ୪୫-୭୫ କୋଟି ଟଙ୍କା ବ୍ୟୟ କରିଥିଲେ । ଏବେ ପର୍ଯ୍ୟନ୍ତ ଜାପାନର ପ୍ରତ୍ୟେକ ପ୍ରାନ୍ତରେ ଏଇ ବ୍ୟବସ୍ଥା ଖୁବ ସୁରୁଖୁରୁରେ ଚାଲୁଛି । ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନଙ୍କୁ ଜାପାନ ସୁନ୍ଦର ଶିକ୍ଷା ଦେଉଛି କହିଲେ ଭୁଲ ହେବନି ।

## ପିଲାଙ୍କ ସହ ବନ୍ଧୁତା

**ନିଜ ପିଲାର ଉଭୟ ଉତ୍ତମ ଆଚରଣ ଓ ବଦ୍‌ଭ୍ୟାସ ନିମନ୍ତେ ପ୍ରଥମେ ଅଭିଭାବକଙ୍କୁ ଦାୟୀ କରାଯାଇଥାଏ । ଏହା କୌଣସି ଆଶ୍ଚର୍ଯ୍ୟଚକିତ ପ୍ରସଙ୍ଗ ନୁହେଁ । ପିଲାଙ୍କ ବନ୍ଧୁହେବା ସହ ସେମାନଙ୍କୁ ଯଥୋଚିତ ଶିକ୍ଷା ଦେବାରେ ହେଳା କରନ୍ତୁନାହିଁ । ଏହା ଆଦୌ ଭାବନ୍ତୁନାହିଁ ଯେ ଯଥା ସମୟ ଆସିଲେ ପିଲା ସବୁ ଶିଖିଯିବ । ବରଂ ଉଭୟ ବାପା ଓ ମା' ସେମାନଙ୍କ ସହ ବନ୍ଧୁ ଭଳି ଆଚରଣ କରିବା ଉଚିତ ।**



♦ ପିଲା ସ୍କୁଲରୁ ଆସିବା ପରେ ମା'ମାନେ ସପ୍ତାହରେ ୨-୩ ଥର ସେମାନଙ୍କୁ ସପିଂ ମଲ୍ କିମ୍ବା ପରିବା ଦୋକାନ ଆଡେ ନେଇଯିବା ଆବଶ୍ୟକ । ଏପରି କଲେ ସେମାନଙ୍କ ସହ ବିଭିନ୍ନ ପରିବାର ଆବଶ୍ୟକତା ବୁଝିପାରିବେ । ଏହା ସହ ବିଭିନ୍ନ ଜିନିଷ କିଣିବାର ଜିଦ୍‌ରୁ ମଧ୍ୟ ପିଲାର ମନୋଭାବ ପରିବର୍ତ୍ତନ କରିପାରିବେ । ଯଦି କୌଣସି ଖେଳନା କିମ୍ବା ଅନ୍ୟ ଜିନିଷ ସେ କିଣିବାକୁ । ଚାହୁଁଛି, ତେବେ ତାହାର ଆବଶ୍ୟକତା ବୁଝାନ୍ତୁ । ଦେଖିବେ, କିଛି କ୍ଷଣରେ ଆପଣଙ୍କ ପିଲା ବୁଝିଯିବ ।

♦ ରୋଷେଇ ଘରେ କାମ କରୁଥିବାବେଳେ ନିଜ ପିଲାକୁ ବିଭିନ୍ନ ପରିବା ଫ୍ରିଜ୍‌ରୁ ଆଣିବାକୁ ବରାଦ୍ ଦିଅନ୍ତୁ । ଅନ୍ୟ ଏକ କଥା ଧ୍ୟାନରେ ରଖନ୍ତୁ, ଆପଣଙ୍କ ପିଲାର ବୟସ ଅତିକମ୍‌ରେ ୭ବର୍ଷରୁ ଅଧିକ ହୋଇଥିବ । ଅତି କୁନି ପିଲାକୁ ଏସବୁ କାମରେ ଲଗାଇଲେ କୌଣସି ଲାଭ ମିଳେନାହିଁ, ବରଂ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରେ । କେଉଁ ପରିବା ଖାଇଲେ ଶରୀର ଉପରେ କିଭଳି ପ୍ରଭାବ ପକାଇଥାଏ , ତାହା ପିଲାକୁ ବାରମ୍ବାର କହି ଚାଲନ୍ତୁ ।

♦ ପାଠ ପଢ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ଧରି ଆଗକୁ ବଢ଼ାନ୍ତୁ । ନିୟମିତ ୩୦-୪୦ ମିନିଟ୍ ସେ ପଢ଼ିବା ଜରୁରୀ, ଏହି କଥାର ମର୍ମ ଆପଣଙ୍କ ପିଲା ମଧ୍ୟ ବୁଝିବା ଉଚିତ ।

♦ ସବୁ କଥାରେ ବିରକ୍ତ ନ ହୋଇ ବରଂ ଠିକ୍ ଓ ଭୁଲର ତଫାତ୍ ପିଲାକୁ ଜଣାଇଦେବା ଉଚିତ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପୁଣି କ'ଣ ତୃତୀୟ ଲହର !...

ଦେଶ ପୁଣି ଥରେ ଏକ ଲକ୍‌ଡାଉନର ଦ୍ୱାର ଦେଶରେ ଦଣ୍ଡାୟମାନ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ଦିନ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରରେ ମୁଖ୍ୟ ଶାସନ ସଚିବମାନଙ୍କ ସ୍ୱାସ୍ଥ୍ୟ ସଚିବ ରାକେଶ ଭୂଷଣ ପତ୍ର ଲେଖି ଆଗାମୀ ଦିନରେ କୌଣସି ପ୍ରକାର ଜନସମାଗମ କିମ୍ବା ମେଳା ମହୋତ୍ସବରେ ଲୋକମାନଙ୍କ ବହୁଳ ଯୋଗଦାନକୁ ରୋକିବା ସକାଶେ ସତର୍କ କରି ଦିଆଯାଇଛି । ଇତିପୂର୍ବରୁ ମଧ ଅନେକ ବାର କେନ୍ଦ୍ର ସରକାର ପକ୍ଷରୁ ଏଭଳି ସତର୍କବାଣୀ ଓ ଚେତାବନୀ ଦିଆଯାଇଥିଲା । ରାଜ୍ୟ ସରକାରମାନେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ସତ୍ତ୍ୱେ କରୋନା ମହାମାରୀ ସଂକ୍ରମଣକୁ ରୋକିବା ସମ୍ଭବପର ହୋଇନାହିଁ । ଇତିମଧ୍ୟରେ ଦୁଇଟି ଦୁଇଟି ଦଫା କରୋନା ଲହର ଜନଜୀବନକୁ ଯେତିକି ଲଣ୍ଡଭଣ୍ଡ କରିଛି ସରକାରଙ୍କୁ ମଧ ସେତିକି ମାତ୍ରାରେ ବ୍ୟସ୍ତବିବ୍ରତ କରିଛି । ଏବେ କେବଳ ସମେତ କେତେକ ରାଜ୍ୟରେ କରୋନାର ତୃତୀୟ ଲହର ଆରମ୍ଭ ହୋଇସାରିଛି ଓ ତାହାକୁ ସରକାରୀ ଭାବେ ସ୍ୱୀକାର କରାଯାଇନଥିଲେ ସୁଦ୍ଧା ଅସ୍ୱୀକାର ମଧ କରାଯାଇନାହିଁ । ଗତ ଏକ ସପ୍ତାହ ଭିତରେ ଦୈନିକ ସଂକ୍ରମଣ ମାତ୍ରା ସୂଚୀତ କରେ ଯେ କରୋନା ସଂକ୍ରମଣ ପୁଣି ଥରେ ଉପରମୁହାଁ ହୋଇଛି ଏବଂ ତାହାକୁ ନିୟନ୍ତ୍ରଣ କରିବା ଲାଗି ଏବେଠାରୁ ସତର୍କ ରହିବା ଆବଶ୍ୟକ । ସ୍ୱାସ୍ଥ୍ୟ ସଚିବ ଏହି ପରିପ୍ରେକ୍ଷୀରେ ରାଜ୍ୟମାନଙ୍କୁ ଲେଖିଥିବା ପତ୍ରରେ ନିର୍ଦ୍ଦିଷ୍ଟ ଭାବେ ସୂଚାଇଛନ୍ତି ଯେ, ଆଗକୁ ଉତ୍ସବର ଋତୁ । ବିଭିନ୍ନ ରାଜ୍ୟରେ ଆଗାମୀ କିଛି ମାସ ମଧ୍ୟରେ ମହରମ୍, ଓନାମ, ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ ଓ ଦୁର୍ଗାପୂଜା ଭଳି ଗଣଉତ୍ସବ ଅନୁଷ୍ଠିତ ହେବ । ସେଥିରେ ବିପୁଳ ଜନସମାଗମ ହେବାର ଆଶଙ୍କା ରହିଛି । ଏସବୁ ବଡ଼ ବଡ଼ ଉତ୍ସବକୁ ଛାଡ଼ି ଅନ୍ୟାନ୍ୟ ଛୋଟମୋଟ ଉତ୍ସବାନୁଷ୍ଠାନ ଆଦି ମଧ ବିଭିନ୍ନ ରାଜ୍ୟରେ ପାଳିତ ହୋଇଥାଏ । କାରଣ ବର୍ଷାଋତୁ ଏବଂ ଏହାପରେ ଆସୁଥିବା ଶରତ, ବସନ୍ତ ଓ ଶୀତଋତୁ ହିଁ ଉତ୍ସବ ପାଳନର ସମୟ । ଗତ ଦେଢ଼ବର୍ଷ ମଧ୍ୟରେ ଏଭଳି ଉତ୍ସବାନୁଷ୍ଠାନ ଓ ଜନସମାଗମ ଦେଶରେ କରୋନା ମହାମାରୀ ବୃଦ୍ଧିରେ କିଭଳି ଭାବେ ସହାୟକ ହୋଇଛି ତାହା ସମସ୍ତେ ଭଣା ଅଧିକେ ଅଙ୍ଗେ ନିଭାଇ ସାରିଛନ୍ତି । ତାହାର ପରିଣାମ ସ୍ୱରୂପ ହିଁ ଲକ୍ଷାଧିକ ଲୋକଙ୍କ ଜୀବନ ହାନି ସହ କୋଟି କୋଟି ଲୋକ ସଂକ୍ରମିତ ହୋଇଛନ୍ତି । କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ସକାଶେ ବିଶ୍ୱର ବିଜ୍ଞାନ ଓ ବିଜ୍ଞାନୀମାନେ ଏବେ ଅହୋରାତ୍ର ପ୍ରୟାସ ଚଳାଇଛନ୍ତି ଏବଂ ଖୁସିର କଥା, ଏହାର ଅନେକ ପ୍ରତିଷେଧକ ଟିକା ରେକର୍ଡ ସମୟ ମଧ୍ୟରେ ଉପଲବ୍ଧ । କିନ୍ତୁ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଥିବା ସତ୍ତ୍ୱେ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ, ଟିକାକରଣ ଏବଂ କୋଭିଡ ଉପଯୁକ୍ତ ଆଚରଣ ଅବଲମ୍ବନ ସବୁଠାରୁ ଫଳପ୍ରସୂ ସାବ୍ୟସ୍ତ ହୋଇଥିବା ସମଗ୍ର ବିଶ୍ୱ ସ୍ୱୀକାର କରିଛି । ଭାରତ ସେଥିରୁ ବାଦ୍ ନୁହେଁ । ବରଂ, ସର୍ବପ୍ରଥମେ ଜନତା କର୍ଫ୍ୟୁ, ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି ପଦକ୍ଷେପ ଗ୍ରହଣ କରି ଭାରତ ବିଶ୍ୱକୁ ଏକ ମାର୍ଗ ପ୍ରଦର୍ଶନ କରିଥିଲା । କିନ୍ତୁ ଦ୍ୱିତୀୟ ଲହର ବେଳକୁ ଜନଆଚରଣରେ ସେଥିରେ କୋହଳ ମନୋଭାବ ପ୍ରଦର୍ଶନ କରାଯିବାରୁ ଦେଶକୁ ବେଶ୍ ମୂଲ୍ୟ ଦେବାକୁ ପଡ଼ିବ । ଏବେ ଶତାଧିକ ରାଷ୍ଟ୍ରରେ କରୋନାର ନୂତନ ଷ୍ଟ୍ରେନ୍ ଡେଲଟା ପ୍ଲସ୍ ଭାବେ ଉଦ୍‌ବେଗଜନକ ଭାବେ ସଂପ୍ରସାରିତ ହେଉଛି । ତେଣୁ ବ୍ୟକ୍ତିଗତ ନିରାପତ୍ତା ଓ ରାଷ୍ଟ୍ରୀୟ ହିତ ଦୃଷ୍ଟିରୁ କେବଳ ସରକାରୀ ସ୍ତରରେ ନୁହେଁ, ପ୍ରତ୍ୟେକ ସଚେତନ ନାଗରିକ କୋଭିଡ ଉପଯୁକ୍ତ ଆଚରଣକୁ ନିଷ୍ଠାର ସହିତ ଅନୁପାଳନ କରିବା ଆବଶ୍ୟକ । ତାହା ହୁଏତ ତୃତୀୟ ଲହରର ମାତ୍ରାକୁ ହ୍ରାସ କରିବା ସହ ଏହାର ପ୍ରଭାବକୁ କମାଇବାରେ ସହାୟକ ହୋଇପାରେ । ଟିକାକରଣ ଆମ ଶରୀରରେ ରୋଗ ପ୍ରତିରୋଧୀ ଶକ୍ତି ବୃଦ୍ଧି କରିଥାଏ, କିନ୍ତୁ ଶୃଙ୍ଖଳିତ ଆଚରଣ ଆମକୁ ଅଦୃଶ୍ୟ ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖିଥାଏ । ତେଣୁ ଦେଶ ଏବେ ଆଉ ଏକ ଲକ୍‌ଡାଉନ୍‌ର ଦ୍ୱାର ଦେଶରେ ପହଞ୍ଚି ସାରିଥିବାବେଳେ ଆମକୁ ଉଭୟକୁ ଆପଣାଇବାକୁ ପଡ଼ିବ ।

## ଯେତେ ଜୀବନ, ସେତେ ଉପନ୍ୟାସ




ମାୟାଧର ନାୟକ

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନ ବିହାରୀ ପାଠାଗାର, ଜଟଣୀ, ଖୋର୍ଦ୍ଧା, ମୋ : ୯୯୩୮୩୪୧୩୮


ଯେଉଁମାନେ ଲେଖକ, ସେମାନେ ଉପନ୍ୟାସ ଲେଖିବା ପୂର୍ବରୁ ଓ ପରେ ଏଇ ଜୀବନ ନିକଟରେ ହିଁ ଋଣ ସ୍ୱୀକାର କରିବାକୁ ବାଧ୍ୟ । କିଏ କିପରି ଭାବରେ ଜୀବନକୁ ଅନୁଭବ କରିଛନ୍ତି, ସେ ଅନୁଭବକୁ ଉପନ୍ୟାସ ରୂପେ ଫୁଟାଇବାକୁ ଯାଇ କାହାଣୀର କାୟାରେ ଛନ୍ଦି ହୋଇଛନ୍ତି କି ଚରିତ୍ରମାନଙ୍କ ମାୟାରେ ବାନ୍ଧି ହୋଇଛନ୍ତି - ବିଭିନ୍ନ ସାକ୍ଷାତକାରରେ ଏ ବାବଦରେ ଭିନ୍ନ ଭିନ୍ନ ଲେଖକୀୟ ବୟାନ ଆମକୁ ବେଳେବେଳେ ଶୁଣିବାକୁ ମିଳିଥାଏ । ଏବେ ପୁଣି ଆହୁରି ଗୋଟିଏ ନୂଆ କଥାର ଚଳଣି ଆରମ୍ଭ ହୋଇସାରିଲାଣି- ଗୋଟିଏ ଗୋଟିଏ ଉପନ୍ୟାସର ସୁବର୍ଣ୍ଣ ଜୟନ୍ତୀ ପାଳନ ।

ସବୁ ସତ୍ତ୍ୱେ ଓଡ଼ିଆ ଭାଷାରେ ଏବେ ଉପନ୍ୟାସ ରଚନା ଏକ ସଂକଟାପନ୍ନ ସ୍ଥିତିରେ ଗତି କରୁଛି ବୋଲି ମାନିନେବାକୁ ପଡ଼ିବ । ଏହା ପଛରେ ଯେଉଁ କାରଣଟିକୁ ସବୁଠୁ ବଡ଼ ମନେ କରାଯାଉଛି, ତାହା ହେଲା ଆଜିର ଦ୍ରୁତ ଜୀବନଧାରା । ଏଭଳି ଏକ ସମୟରେ ଆମେ ପହଂଚି ସାରିଛେ, ଯେଉଁ ସମୟରେ କେହି କାହା କଥା ଶୁଣିବାକୁ ବେଳ ନାହିଁ ।

ଆଗ ପରି ଏବେ ଆଉ ଉପନ୍ୟାସ ଲେଖା ହେଉନାହିଁ । ଚରିତ୍ରମାନେ କ'ଣ କୁଆଡ଼େ ଛୁଟିଦିନ କଟାଇବାରେ ବ୍ୟସ୍ତ ନା ଘଟଣାସବୁ ଗରହାଜିର୍ ହଁ, ପରିବେଶରେ ଅବଶ୍ୟ ଅନେକଟା ଅଦଳବଦଳ । ମେସିନ୍ ବିସ୍ଥାପିତ କରିଛି ମଣିଷକୁ - ତା' ନିଜ ମନ-ପ୍ରାଣ-ଆତ୍ମାର ଏକଦା-ଅନ୍ତରଙ୍ଗ ଇଲାକାରୁ । ଶିଳ୍ପ ପ୍ରସାଧିତ ସଭ୍ୟତା ଆଜି କଳାକନା ବୁଲାଇସାରିଛି କୃଷିଭିତ୍ତିକ ସଂସ୍କୃତି ଓ ମୂଲ୍ୟବୋଧର ଯୌଥ ଜୀବନ କ୍ଷେତ୍ରରେ । ବହିଃପ୍ରକୃତିର ବିକୃତୀକରଣ ପାଛୋଟି ଆଣିଛି ପ୍ରଦୂଷଣ, ଯାହାର ପ୍ରତୀକ କଳାଧୂଆଁ - ଅନ୍ତଃପ୍ରକୃତିର ଉଚ୍ଛେଦୀକରଣ ଡାକି ଆଣିଚି ବିସ୍ଫୋରିତ ସାମାଜିକ ବ୍ୟବଧାନ, ଯାହାର ସଂକେତ କଳାଧନ । ବ୍ୟବସ୍ଥାକୁ ବଦଳାଇବାର ଆସ୍ଥା ଯେଉଁମାନଙ୍କ ଉପରେ, ସେଇ ଯୁବପିଢ଼ି ଆଜି ଚକ୍ରବ୍ୟୂହସ୍ଥ ଅଭିମନ୍ୟୁର ଦଳ - ମତଲବୀ ମହାରଥୀମାନଙ୍କ ମଇଦାନ ମଝିରେ ! ଯେତେବେଳେ କୁରୁକ୍ଷେତ୍ର ପାଲଟି ଯାଇଥିଲା ଯୁଦ୍ଧକ୍ଷେତ୍ର, ସେତେବେଳେ ମହାଭାରତ ଲେଖାଯାଇ ପାରିଥିଲା । ଏହି ଯୁଦ୍ଧକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ପରିଣତ କରିବାର ପ୍ରେରଣା ଦେଇଥିଲା ଏ ମହାକାବ୍ୟ । ଅଥଚ ତା'ଠାରୁ ଆହୁରି ଭୟାବହ ଏକ ପରିବେଶ ସଂପ୍ରତି ସୃଷ୍ଟି ହୋଇସାରିଥିଲେ ହେଁ ଉପନ୍ୟାସର ଯୁଗାନ୍ତର କାହିଁକି ଏବେ ମ୍ଳ ଏକ ପ୍ରଶ୍ନବାଚୀ ? କ'ଣ ସମୟ ନାହିଁ ?

ଆମ ପାଠକମାନଙ୍କର ପଢ଼ିବା ପାଇଁ ସମୟ ଥାଉ କି ନ ଥାଉ, କିନ୍ତୁ ଆମ ଲେଖକମାନଙ୍କର କ'ଣ ଲେଖିବା ପାଇଁ ସମୟ ନାହିଁ ? ଗୀତ, କବିତା, ଗପ, ନାଟକ, ନିବନ୍ଧ, ପାଠ୍ୟପୁସ୍ତକ ଲେଖିବା ପାଇଁ ସମୟ ଅଛି, ହେଲେ ଉପନ୍ୟାସ ଲେଖିବା ପାଇଁ ସମୟ ନାହିଁ ଏବେ ?

ଉପନ୍ୟାସ ହେଉଛି ମହାଜୀବନ-ପ୍ରବାହର ମର୍ମାନୁବାଦ । ଆମ ଭାଷାରେ ବର୍ତ୍ତମାନ ଉପନ୍ୟାସର ଏହି ଅନଟନ ନିଶ୍ଚିତରୂପେ ଏକ ଉଦ୍‌ବେଗଜନକ ବିଷୟ । ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବାର ମାତ୍ର କେତେ ବର୍ଷେ ପୂରୁ ନ ପୂରୁଣୁ ଯଦି ଏହା ହିଁ ଏବେ ଅବସ୍ଥା, ଆଗକୁ ତା'ହେଲେ ଏକ ଉପନ୍ୟାସହୀନ ସାହିତ୍ୟକୁ ମଂଚ ଆଗରେ ଛିଡ଼ା କରାଇ କି ଆଶା ଆଉ ବାନ୍ଧିବା ଆମେ ? ନୂଆ ଚରିତ୍ର, ନିଆରା ଘଟଣା, ନୁଖୁରା ପରିବେଶ - ଉପନ୍ୟାସର ଯୁଗାନ୍ତର ପାଇଁ ଯଥାର୍ଥରେ ଗୋଟିଏ ଗୋଟିଏ ଅନ୍ତର୍ଭେଦୀ ଆହ୍ୱାନ ନୁହେଁ କି ? ସମୟ ଥିଲା, ସମୟ ଅଛି, ସମୟ ଥିବ । ନଥିବ ବୟସ, ନଥିବ କୃଷ୍ଣକେଶ, ନ ଥିବ ସୁଖଦୁଃଖରେ ସମଭାଗୀ ନିହାତି ନିକଟର ମଣିଷ । ଥିବ ନିରବଧି କାଳ, ନ ଥିବ କିନ୍ତୁ ଭାବି ବସିଥିବାକୁ ଆଉ ଘଡ଼ିଏ ବେଳ - ଜୀବନର ଗୁଡ଼ିଏ ଗୁମର ଭିତରୁ ଏମିତି ଗୋଟିଏ ଯୋଡ଼ିଏ କଥା ମନେ ପକାଇ ଦେଲେ ହିଁ ଯଥେଷ୍ଟ, ଯାହା ଆମକୁ ସୂଚାଇ ଦେଇଥାଏ ହାତଗଣତି କେତୋଟି ଉପନ୍ୟାସ । ସୂଚନା କ'ଣ ଦିଏ କେବଳ ? ଦିଏ ଚେତନା, ଦିଏ ପ୍ରେରଣା, ଦିଏ ନବଜୀବନର ନିର୍ଦ୍ଦେଶନା ବି । ସମସ୍ତେ ଟଲଷ୍ଟୟ ହୋଇପାରନ୍ତି ନାହିଁ କି ଗର୍କୀ । ସମସ୍ତେ ପ୍ରେମଚନ୍ଦ୍ ହୋଇପାରନ୍ତି ନାହିଁ କି ଫକୀରମୋହନ । ସମସ୍ତେ ଶରତଚନ୍ଦ୍ର ହୋଇପାରନ୍ତି ନାହିଁ କି କାହ୍ନୁଚରଣ । ସେମିତି ସମସ୍ତେ କ'ଣ ଲେଖିପାରନ୍ତି ଅଙ୍କଲ୍ ଟମ୍‌ସ୍ କ୍ୟାବିନ୍ ନା କ୍ରାଇମ୍ ଏଣ୍ଡ୍ ପନିଶ୍‌ମେଂଟ୍ ମହାନ୍ ଲେଖକମାନେ ଯେମିତି ସବୁଦେଶର, ମହତର କୃତିଗୁଡ଼ିକ ବି ସେମିତି ସବୁ କାଳର । ସମସ୍ତେ ସେମାନେ ବରଣୀୟ । ସେମାନଙ୍କ କାଳଜୟୀ କୃତିସବୁ ମଧ ସ୍ମରଣୀୟ । ସେମାନେ ବଜାରର ହଜାର ଜଣଙ୍କ ପାଇଁ ଲେଖିବା ଅପେକ୍ଷା ନିଜ ଅନ୍ତଃପୁରୁଷର ଆଜ୍ଞା ପାଳନ କରିବାକୁ ହିଁ ଲେଖୁଥିଲେ । ଆମେ ଆଜି ଉପନ୍ୟାସର ଯୁଗାନ୍ତର ପାଇଁ କାମନା କରୁଥିବା ବେଳେ ଏଇ ସରଳ ସତ୍ୟଠାରୁ ଯେପରି ଦୂରେଇ ନ ଯାଉ - ଅନ୍ତତଃ ଏତିକି ମନେ ରହିପାରିଲେ ଭଲ ।

ଶରତଚନ୍ଦ୍ର କହିଥିଲେ, 'ପାଦ ଥିଲେ ଚାଲିହୁଏ, କିନ୍ତୁ ହାତ ଥିଲେ ଲେଖିହୁଏନା ।' କେଡ଼େ ବଡ଼ କଥାଟାଏ ! ଏଇ ଦୃଷ୍ଟିରୁ କୁହାଯାଇପାରେ, ବୁନ୍ଦାଏ ରକ୍ତରେ ମନର ମଣିଷ ପାଖକୁ ହୁଏତ ଦସ୍ତଖତଟିଏ ପଠାଇ ଦେଇହୁଏ, କିନ୍ତୁ ବୋତଲେ କାଳିରେ ପାଠକ ପାଠିକାଙ୍କ ହାତ ପାଆନ୍ତାକୁ ଉପନ୍ୟାସଟିଏ ବଢ଼େଇ ଦେଇହୁଏନା । ସମୟ ଥିଲେ ଯେ ଉପନ୍ୟାସ ଲେଖି ଦେଇହେବ, ତା' ବି ହଲପ୍ କରି କୁହାଯାଇ ନପାରେ । ଏ କଥା ମଧ କେବେକେବେ ଶୁଣିବାକୁ ମିଳିଥାଏ ଯେ କୌଣସି ଲେଖକ ଉପନ୍ୟାସଟିଏ ଲେଖିବେ ବୋଲି ଛୁଟି ନେଇ ଘରୁ ଚାଲିଯାଇଛନ୍ତି ବାହାରକୁ । କିନ୍ତୁ କିଛିଦିନ ପରେ ଫେରିଛନ୍ତି ଉପନ୍ୟାସ ବଦଳରେ ଖଣ୍ଡେ ଅସଜଡ଼ା ଭ୍ରମଣ ବୃତାନ୍ତ ଲେଖି ! ଏମିତି ବି ହୁଏ । ଲେଖକ ଯାହା ଲେଖିବାକୁ ଲକ୍ଷ୍ୟ ରଖିଥାନ୍ତି, ତା' ବଦଳରେ ତାଙ୍କୁ ମିଳିଥାଏ ପୃଥକ୍ ପଦାର୍ଥ । କଲମ୍ବସ୍ ଭାରତ ଆବିଷ୍କାରରେ ବାହାରି ଆମେରିକାରେ ପହଂଚିଗଲା ପରି କଥା ଇଏ । ଶରତଚନ୍ଦ୍ରଙ୍କ ସଂପର୍କରେ ଶୁଣା କଥାଟିଏ ଭାରି ଲୋକପ୍ରିୟ । କରଜଭାରରୁ କିଛିଟା ନିସ୍ତାର ପାଇବା ପାଇଁ ଟଙ୍କା ଦରକାର ଥିଲା ତାଙ୍କର । ପ୍ରକାଶକ ମହୋଦୟ ତାଙ୍କୁ ପ୍ରତିଶ୍ରୁତି ଦେଲେ, ଲୋଡୁଥିବା ଟଙ୍କା ତାଙ୍କ ହାତକୁ ଯିବା ପାଇଁ ଅପେକ୍ଷା କରି ରହିଛି - ହେଲେ ତାଙ୍କଠୁ ଗୋଟିଏ ଉପନ୍ୟାସ ପ୍ରକାଶକ ହାତେଇ ସାରିଲା ପରେ । ଶରତଚନ୍ଦ୍ର ରାଜି ହେଲେ । ସକାଳୁ ସେ ଗୋଟିଏ ବଖରା ଭିତରେ ରହି ପ୍ରକାଶକଙ୍କ ପାଖରୁ କାଗଜ କଲମ, ଖାଦ୍ୟପାନୀୟ ମଗାଇ ସାରିବା ପରେ ବାହାରୁ ତାଲା ପକାଇ ଦେବାକୁ କହିଲେ । ତା'ପରେ କହିଲେ : କାଲି ସକାଳୁ ଆସି କବାଟ ଫିଟାଇବ - ନଭେଲ୍‌ଟା ନେଇଯିବ !

ଏହି ବିଚିତ୍ରମନା ଲେଖକଙ୍କୁ ପ୍ରକାଶକ କେମିତି ଟିକିଏ ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁ ପଛେଇ ପଛେଇ ବଖରା ଭିତରୁ ବାହାରିଆସିଲେ । ମନେମନେ ଭାବୁଥିଲେ, ନିଶାପାଣି ଅଭ୍ୟାସଟା ବୋଧହୁଏ ଏଇମାତ୍ର ତାର କାମ ଆରମ୍ଭ କରିଦେଲାଣି - ନ ହେଲେ ରାତାରାତି ନଭେଲ୍ କ'ଣ ଲେଖକ ନା ଲେଖାକଳ ? ହଉ, ଥରେ ପରୀକ୍ଷା କରିନେଲେ କ୍ଷତି କ'ଣ ?

ଭୋର୍ ବେଳକୁ କବାଟରେ କରାଘାତ । ସାରାରାତି ଉଜାଗର ଶରତଚନ୍ଦ୍ର ଅନ୍ତିମ ଅନୁଚ୍ଛେଦ ଲେଖିସାରିଥିଲେ କି ନାହିଁ ଆମକୁ ଜଣା ନାହିଁ । କିନ୍ତୁ ସେଇ କରାଘାତ ଶୁଣିବା ମାତ୍ରେ ସେ ପୂର୍ଣ୍ଣଚ୍ଛେଦ ପକାଇଦେଲେ ସେଯାବତ ଲେଖାସରିଥିବା ସବାତଳ ବାକ୍ୟଟି ପରେ । ଆଖିରୁ ଖସିପଡ଼ିଲା ଦି'ଟୋପା ଲୁହ - ଯାହା ଟିକିଏ ଝାପ୍‌ସା କରିଦେଲା ତଥାକଥିତ ଶେଷବାକ୍ୟଟିକୁ - ଆଉ ସେଇ ଲୁହବତୁରା ବାକ୍ୟ ଉପରେ କଲମଟାକୁ ଦାବିଦେଇ ତା' ମୂନଟାକୁ ଭାଙ୍ଗିଦେଲେ ମହାନ୍ ଲେଖକ । ବାସ୍, ସେଇଠି ଉପନ୍ୟାସ ଶେଷ ।

ନାଁ ଥିଲା 'ଦେବଦାସ' । କେବଳ ସେଦିନର ପାଠକ ପିଢ଼ି କାହିଁକି ଆଜିର ଉପନ୍ୟାସପ୍ରିୟ ବିଭିନ୍ନ ଭାଷାର ପାଠକଶ୍ରେଣୀ ପାଖରେ ବି 'ଦେବଦାସ'ର ଅନୁବାଦ ଏକାନ୍ତ ଆଦରଣୀୟ । କେତେଥର କେତେ ଭାଷାରେ ଖାଲି କ'ଣ ଅନୂଦିତ ହୋଇସାରିଛି ଏ ଉପନ୍ୟାସ, ଅତୀତରୁ ଏଯାବତ ତାର ଚଳଚ୍ଚିତ୍ରିତ ଚେହେରା ପିଢ଼ି ପରେ ପିଢ଼ିକୁ ଭିଡ଼ି ଧରିଛି ଏକ ଚୁମ୍ବକୀୟ ଆକର୍ଷଣରେ !

ସେ ଦିନସବୁ ଥିଲା କଥାସାହିତ୍ୟର ଉଜ୍ଜ୍ୱଳ ଫାଲଗୁନ ।

ସେଇଭଳି ମହାନ୍ ଲେଖକ ଏବେ ଆଉ ନାହାନ୍ତି କି ସେ ଧରଣର ସ୍ମରଣୀୟ କଥାକୃତି ସାରସ୍ୱତ ସଂସାରରେ ସୃଷ୍ଟି ହେଉଥିବାର ସୁସମ୍ବାଦ ସେତେବେଶୀ ଶ୍ରୁତିଗୋଚର ହେଉନାହିଁ । ତଥାପି ଭବିଷ୍ୟତର ସାହିତ୍ୟ ନିଜର ମହାନ୍ ଲେଖକ ଲେଖିକାମାନଙ୍କୁ ଅପେକ୍ଷା କରିବାର ଆନନ୍ଦରେ ଯେ ନିତ୍ୟ ନିମଜ୍ଜମାନ ରହିଥିବ - ଏହା ନିଃସନ୍ଦେହ ।


+ ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩


## ଚୈତନ୍ୟ ମହାପ୍ରଭୁ ଓ ଶ୍ରୀକ୍ଷେତ୍ର




ଡାଃ ସୁରେନ୍ଦ୍ର ନାଥ ଦାଶ

ଭାରତୀୟ ସମ୍ବାଦ ସେବା (ଭାସ)

ଭୁବନେଶ୍ୱର-୭୫୧୦୦୩


ଭକ୍ତି ମାର୍ଗର ପ୍ରଚାରକ ଚୈତନ୍ୟ ମହାପ୍ରଭୁଙ୍କର ପୁରୀ ଆଗମନ ଓ ସେଠାରେ ଦୀର୍ଘ ୨୪ ବର୍ଷ ଅବସ୍ଥାନ ଶ୍ରୀକ୍ଷେତ୍ର ଇତିହାସର ଏକ ସ୍ୱର୍ଣ୍ଣିଳ ଅଧ୍ୟାୟ । ଏହା ପ୍ରମାଣ କରେ ଯେ ଶ୍ରୀକ୍ଷେତ୍ର ମାଧୁର୍ଯ୍ୟର ଆକର୍ଷଣ, ଯୁଗେ ଯୁଗେ ହିନ୍ଦୁ ଧର୍ମର ଆଚାର୍ଯ୍ୟ ମାନଙ୍କୁ ତା କୋଳକୁ ଆକର୍ଷିତ କରିଛି । ଚୈତନ୍ୟ ମହାପ୍ରଭୁ ବା ଗ୍ରେଟ ଲର୍ଡ ବୈଷ୍ଣବ ପନ୍ଥୀ ମାନଙ୍କ ଦ୍ୱାରା ରାଧା କୃଷ୍ଣଙ୍କର ସମ୍ମିଳିତ ଅବତାର ରୂପେ ପୂଜା ପାଉଛନ୍ତି । ବଙ୍ଗ ଓଡିଶାର ପ୍ରତି ଗ୍ରାମରେ ତାଙ୍କର ମୂର୍ତ୍ତି, ନିତାଇ ଗୌର, ପିତଳ ପ୍ରତିମା ପୂଜା ରହିଅଛି । ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ମହା ମନ୍ତ୍ର; ହରେ କୃଷ୍ଣ ହରେ ରାମ, କିର୍ତ୍ତନରେ ଏବେ ବି ପୁରପଲ୍ଲୀ ପ୍ରକମ୍ପିତ ହୋଇ ଉଠୁଛି । ପ୍ରେମ, ସମର୍ପିତ ଭାବ ଓ ଭଜନ ଦ୍ୱାରା ଯେ ଇଶ୍ୱର ଉପଲବ୍ଧି ହୁଅନ୍ତି ଏହାହିଁ ତାଙ୍କ ଦ୍ୱାରା ପ୍ରଚାରିତ ଅଚିନ୍ତ୍ୟ ଭେଦ ଅଭେଦ ପଥ ର ମୂଳକଥା ।

ପତିତ ପାବନୀ ଭାଗିରଥୀ କୂଳରେ ଅବସ୍ଥିତ ମାୟାପୁରୀ ନଦିଆ, ନବଦ୍ୱୀପ(ପଶ୍ଚିମ ବଙ୍ଗ)କେଉଁ କାଳରୁ ସଂସ୍କୃତ ଶିକ୍ଷା ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ସେହି ଗ୍ରାମରେ୧୪୮୬ ଫେବରଆରୀ୧୮ ତାରିଖରେ ପିତା ଜଗନ୍ନାଥ ମିଶ୍ର ଓ ମାତା ଶଚୀ ଦେବୀଙ୍କର ସନ୍ତାନ ରୂପେ ସେ ଜନ୍ମ ନେଇଥିଲେ ଚୈତ୍ର ପୂର୍ଣ୍ଣିମା ଦିନ । ସେମାନେ ଆଗରୁ ଯାଜପୁର ନଗ୍ର, ଉତ୍କଳର ଅଧିବାସୀ ଥିଲେ । ସେଦିନ ଗ୍ରହଣ ଲାଗିଥାଏ । ସଂଜ ପ୍ରହର, ଗ୍ରହଣ ଯୋଗୁ ସବୁଆଡେ ଭଜନ କୀର୍ତ୍ତନ ଲାଗିଥାଏ । ଲୋକ ମାନେ ସ୍ନାନ କରୁଥାଆନ୍ତି । ସନ୍ଧ୍ୟା ପ୍ରହରରେ ତାଙ୍କର ଜନ୍ମ ହେଲା । ତାଙ୍କର ସୁନ୍ଦର ତରଳ ସୁନା ଭଳି ଲାବଣ୍ୟ ଭରା ଗୌର ବର୍ଣ୍ଣ ଯୋଗୁ ସେ ଗୌରାଙ୍ଗ ନାମରେ ମଧ୍ୟ ପରିଚିତ ଥିଲେ । ସଂସ୍କୃତରେ ପାଣ୍ଡିତ୍ୟ ଲାଭ କରି ସେ ନିମାଇ ପଣ୍ଡିତ ବୋଲି ନବଦ୍ୱୀପରେ ଲୋକଙ୍କ ସମ୍ମାନ ଲାଭ କଲେ ।

ନିଜର ପିତାଙ୍କ ଶ୍ରାଦ୍ଧ ଦେବାକୁ ସେ ଗୟା ଗଲା ବେଳେ ସେଠାରେ ଗୁରୁ ଇଶ୍ୱର ପୁରୀଙ୍କଠାରୁ ଗୋପାଳ ମନ୍ତ୍ରରେ ଦିକ୍ଷିତ ହେଲେ । ସେଠାରୁ ଫେରିଲା ପରେ ତାଙ୍କ ଭାବର ଅଦଭୂତ ପରିବର୍ତ୍ତନ ହେଲା । ସେ ଭାବ ବିହ୍ୱଳ ବହିଃଜ୍ଞାନ ଶୂନ୍ୟ ହୋଇ ନୃତ୍ୟ ଓ ଭଜନ କରିବାକୁ ଲାଗିଲେ । ନିଜକୁ ରାଧାରାଣୀ ରୂପେ ସଜ୍ଜିତ କରୁଥିଲେ । ଖୁବ ଶୀଘ୍ର ସେ ବୈଷ୍ଣବ ମାନଙ୍କର ପ୍ରମୁଖ ଆଚାର୍ଯ୍ୟ ହୋଇପଡିଲେ । ସେ ସନ୍ୟାସୀ ହେଲା ପରେ ପଥପ୍ରାନ୍ତରେ ଶିଷ୍ୟ ମାନଙ୍କ ଗହଣରେ ଭଜନ କରି ନଗର ପରେ ନଗର ଭ୍ରମଣ କଲେ । ଏହାକୁ ନଗର କିର୍ତ୍ତନ କୁହାଗଲା । କୃଷ୍ଣଙ୍କ ଲୀଳା ଭୂମି ବୃନ୍ଦାବନର କୁଞ୍ଜ ମାନ ଯମୁନା କୂଳ, ବୁଲି କୃଷ୍ଣଙ୍କ ଲୀଳା ସ୍ଥାନ ମାନ ଚିହ୍ନଟ କଲେ । ତାପରେ ଗଙ୍ଗା ନଦୀର ସହସ୍ର ଧାର ମୁହାଣରେ ଶିଷ୍ୟ ମାନଙ୍କ ସହ ସମ୍ମିଳିତ ଭଜନ କରି ସ୍ନାନ କଲେ ଓ ରାତ୍ର ଯାପନ କରି କଳପଥରେ ଉତ୍କଳ ଅଭିମୁଖେ ଯାତ୍ରା କଲେ । ବାଲେଶ୍ୱର ଠାରେ ନାବରୁ ଅବତରଣ କରି ସ୍ଥଳ ପଥରେ ପୁରୀ ଯାତ୍ରା କଲେ । ପଥରେ ସେ ଯେଉଁଠି ରାତ୍ର ଯାପନ କଲେ। ସେଠାରେ ତାଙ୍କ ସ୍ମୃତି ଭକ୍ତ ମାନେ ସଂରକ୍ଷିତ କରି ମନ୍ଦିର ମାନ ନିର୍ମାଣ କରି ପୂଜା କରୁଛନ୍ତି । ପୁରୀରେ ସେ ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ରାଜୁତି ବେଳେ ପହଞ୍ଚିଥିଲେ ଓ ରାଧାକାନ୍ତ ମଠରେ ଅବସ୍ଥାପନ କଲେ । ଜଗନ୍ନାଥଙ୍କୁ ସେ କୃଷ୍ଣଙ୍କ ଅବତାର ବୋଲି ମନେ କରୁଥିଲେ । ତାଙ୍କ ସାଥିରେ ଗୌଡ ବା ବଙ୍ଗ ଦେଶରୁ ଅନେକ ଭକ୍ତ ଆସିଥିଲେ । ସେମାନେ ନିଜକୁ ଗୋଡିୟ ବୈଷ୍ଣବ କହୁଥିଲେ, ମସ୍ତକ ଲଣ୍ଡିତ ହେଉଥିଲେ, ଗୌଡିୟ ତିଳକ, କଛା ନମାରି ଲୁଗା ପିନ୍ଧିବା, ଗଳାରେ ତୁଳସି ମାଳି, ପଇତା ପିନ୍ଧୁଥିଲେ । କାଳ କ୍ରମେ ଅନେକ ଓଡିଆ ମହାପ୍ରଭୁଙ୍କର ଭକ୍ତ ହେଲେ । ସେମାନଙ୍କ ମଧ୍ୟରେ ଭକ୍ତି ଯୁଗର ପଞ୍ଚସଖା, ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତ ଦାସ, ଅନନ୍ତ ଓ ଯଶୋବନ୍ତ ଦାସ ପ୍ରଧାନ । ଗୌଡିୟ ମାନଙ୍କ ସହ ଉତ୍କଳୀୟ ବୈଷ୍ଣବଙ୍କ ବିବାଦ ଆରମ୍ଭ ହେଲା । ଗୌଡିୟ ମାନେ ଆମିଷ ଭକ୍ଷଣ କରୁଥିବାରୁ ଉତ୍କଳୀୟ ମାନେ ତାହା ନାପସନ୍ଦ କଲେ । ସେଥିପାଇଁ କୁହାଯାଏ, ମାଗୁର ମାଛର ଝୋଳ, ବେଟା ହରିଆ ହରିଆ ବୋଲ । ଚୈତନ୍ୟ ଜଗନ୍ନାଥ ଦାସଙ୍କୁ ଅତିବଡି ଉପାଧି ଦେବାରୁ ଅନେକ ଗୌଡିୟ ବୈଷ୍ଣବ ପ୍ରଭୁଙ୍କୁ ପରିତ୍ୟାଗ କରି ନଦିଆ ଫେରିଗଲେ । ପ୍ରତାପରୁଦ୍ରଙ୍କ ସହ ପ୍ରଭୁଙ୍କ ସାକ୍ଷାତ ଏକ ପ୍ରମୁଖ ଘଟଣା । ଅନେକ କୁହନ୍ତି ପ୍ରଭୁ ସମ୍ରାଟଙ୍କୁ ସାକ୍ଷାତ କରିବାକୁ ମନା କରି ଦେଇଥିଲେ । ପ୍ରତାପ ରୁଦ୍ର ଶେଷ ଜୀବନ ରେ ନାନା ମନସ୍ତାପର ଶୀକାର ହୋଇଥିଲେ । ବିଜୟ ନଗର ସମ୍ରାଟ କୃଷ୍ଣଦେବ ରାୟ ଗୋଦାବରୀର ଦକ୍ଷିଣ ପାଖରେ ଥିବା ଓଡିଆ ରାଜ୍ୟ ଜୟ କରିନେଇଗଲେ । ବଡପୁଅ ବୀରଭଦ୍ର ଦେବଙ୍କୁ ବନ୍ଦୀ କଲେ । କନ୍ୟା ଜଗମୋହିନୀକୁ ଜବରଦସ୍ତ ବିବାହ କଲେ । ବିଜୟ ନଗର ଦରବାରରେ ଅପମାନିତ ହୋଇ ବିରଭଦ୍ର ଆତ୍ମହତ୍ୟା କଲେ । ଅପମାନର ପ୍ରତିଶୋଧ ପାଇଁ ଆଉଥରେ ଯୁଦ୍ଧ କରି ଗଜପତି ବିଫଳ ହେଲେ । ସଂସାର ପ୍ରତି ଆସକ୍ତି ହରାଇ ସେ ଚୈତନ୍ୟଙ୍କ ଭକ୍ତ ହୋଇଗଲେ ଓ ରାଜ୍ୟର ସୁରକ୍ଷା ପ୍ରତି ଧ୍ୟାନ ଦେଲେନି । କର୍ମଚାରୀମାନେ ମଧ୍ୟ ରାଜାଙ୍କୁ ଅନୁସରଣରେ ମାଳା ତୁଳସୀ ଧରିଲେ । ରାଷ୍ଟ୍ର ଦୁର୍ବଳ ହୋଇପଡି ପରେ ପତନର ମୂଳଦୁଆ ପଡିଲା । ଅନେକ କୁହନ୍ତି ପ୍ରତାପରୁଦ୍ରଙ୍କ ସୁଦକ୍ଷ ସେନାପତି ରାୟ ରାମାନନ୍ଦ ତାଙ୍କର ଦକ୍ଷିଣ ଦଣ୍ଡପାଟ ରାଜମହେନ୍ଦ୍ରୀର ଶାସନ ଭାରରୁ ଇସ୍ତଫା ଦେଇ ଚୈତନ୍ୟଙ୍କ ଭକ୍ତ ହୋଇଗଲେ । ଏହା ହିଁ ଉତ୍କଳର ପରାଜୟର ମୁଖ୍ୟ କାରଣ ଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### କୋରନା ଦାନବ

**ପବିତ୍ର କୁମାର ସାହୁ**



କୋରନା ଦାନବ ମହାପ୍ରଳୟ ରଚି
ଫୁଲା ଅର୍ଣ୍ଣବର ବିଶାଳକୁଆର ଭଳି
ମହାକାୟ ଭୁଜା ବିସ୍ତାରି
ଭୀମ ରଣହୁଙ୍କାର ଛାଡି
ରକ୍ତନେତ୍ର ମେଲି ଜିହ୍ୱା ଲହ ଲହ କରି
କାଳବୈଶାଖୀର ଝଡପରି
କେଇ ମୁହୂର୍ତ୍ତରେ ଗିଳିଦେଲା
ଏ କ୍ଷିତିପୃଷ୍ଠର ପ୍ରତି କୋଣାନୁକୋଣ ଛବି ।

ପୁତ୍ରହରା ମାତୃବକ୍ଷରେ ପାଦ ଥାପି
ପତିହରା ବିରହିଣୀ କୁଳବଧୂ ତଣ୍ଟିଚିପି
କଅଁଳ ଶିଶୁର କୁଆଁ କୁଆଁ କାନ୍ଦ ଚୋରାଇ
କେତେକୁ ମାତୃପିତୃହୀନା କରି
ବୃଦ୍ଧଙ୍କ କଙ୍କାଳ, ପିଞ୍ଜରା ମଡ୍ ମଡ୍ ଭାଙ୍ଗି
ଗଦା ଗଦା ଶବର ପାହାଡ଼ ଚୂଡାରେ
ତାଣ୍ଡବ ନୃତ୍ୟ ରଚି ଠୋ ଠୋ ହୋଇ
ହସୁଛି ଆଜି
ସଂହାରକାରୀ ମହାଶକ୍ତିଶାଳୀ
ଅଦୃଶ୍ୟ ରାକ୍ଷସ ଉଡ଼ାଇ
ବିଜୟ କେତନ ।

ସର୍ବଶ୍ରେଷ୍ଠ ପ୍ରାଣୀ ହୋଇ ସୁଦ୍ଧା
ଏ ମଣିଷର ବୁଦ୍ଧି, ଜ୍ଞାନ, କୌଶଳ, ଆଜି
ନିଷ୍କ୍ରିୟ, ବିଫଳ, ପରାଜିତ
ତଥାପି ସଂଘର୍ଷ ରହିଛି ଜାରି
ଥକିନାହିଁ ଏ କଳେବର
ଆଉ କ୍ଷିପ୍ର ମନୋବଳ
ହାରିନାହିଁ ଜୀବନଯୁଦ୍ଧ ଏବେବି
ରହିଛି ଅଳପ
ଲିଭିବା ଆଗରୁ ଜୀବନ ପ୍ରଦୀପ
ନିଶ୍ଚୟ ମାରି ଶୁଆଇବୁ
କୋରନା ରାକ୍ଷସ ।

ସଙ୍ଗରୋଧ କରି କରଚରଣ ମୁଖଧୋଇ
ବଦନେ ବାନ୍ଧି ମାସ୍କ
ହସ୍ତେ ଲେପି ସାନିଟାଇଜର୍
ତଡିଦେବା ସେହି ବିଭତ୍ସ ଅସୁରକୁ
ହସ୍ତଗୋଡବାନ୍ଧି ଅନନ୍ତ ଅତଳ ଗର୍ଭକୁ ।

ଚାଲିବ ପୁଣି ଶୁଦ୍ଧ ସୁଖଦ
ନିଃଶ୍ୱାସ ପ୍ରଶ୍ୱାସ
ଛାତିରେ ଧରି ବିଗତଦିନର
ସେହି ପ୍ରଚୁର କୋହ ବେଦନା
ଭୀଷଣ ଅଭୁଲା ସ୍ମୃତିର ଲୁହ ।

ଏ ଦେଶ ଦେଖିବ ପୁଣି ନବୀନ
ସୂର୍ଯ୍ୟୋଦୟର ଶୁଦ୍ଧ, ଶାନ୍ତ,
ସ୍ନେହ, ପ୍ରୀତି ହସ
ରୋଗରିପୁମୁକ୍ତ ସମାଜର
ସିନ୍ଦୁରିମା ଆଭାର
ମନଲୋଭା ଦୃଶ୍ୟ
ହସିଉଠିବ ପୁଣି ଉଜୁଡା ସଂସାର
କାଳର ପ୍ରଖର ସ୍ରୋତରେ
ଭୁଲିଯାଇ ଅତୀତର ସେହି ଆଚମ୍ବିତ
ଅଦୃଶ୍ୟ ରାକ୍ଷସର ବୋମା ବିସ୍ଫୋରଣ,
କୁଢ଼ କୁଢ ଅଛୁଆଁ ମଡାଭର୍ତ୍ତି
ଟ୍ରଲରର କରୁଣ ଦୃଶ୍ୟ ।


+ ସଂସ୍କୃତ ଶିକ୍ଷକ,
ଅଟାସାହି, ଆନନ୍ଦପୁର, କେନ୍ଦୁଝର
(ମୋ) ୯୭୭୭୫୬୦୯୨୧


### ସ୍ମୃତି

**ସମୀକ୍ଷା ସାହୁ**

ମୋ ସ୍ମୃତିର ପୃଷ୍ଠାରୁ
ଲେସି ଯାଇଥିବା
ବିସ୍ମୃତିର ଫିକା ଫିକା ଦାଗ ।
ମୋ ଧ୍ୱନିର ଅନ୍ତରେ
କର୍ଣ୍ଣପାତ ନହେବା
ପ୍ରତିଧ୍ୱନିର ଖଣ୍ଡ ଖଣ୍ଡ ଭାଗ ।
ମୋ ବୀପ୍ସିତ ଆକାଶେ

ଉଭା ହଜିଥିବା
ରଙ୍ଗ ବିହୀନ ନକ୍ଷ୍ୟତ୍ର ।
ମୋ କ୍ଷୁଦ୍ର ଉପବନେ
ମାଳୀ ଟେ ନଥିବା
ଥୁଣ୍ଟା ଶ୍ରୀହୀନ ପତ୍ର ।

ମୋ ଆଖିର କୋଣରେ
ଲୁଚି ରହିଥିବା
ଜକା ଜକା ଠୋପାଏ ଲୁହ ।
ମୋ ପ୍ରୀତିର ପର୍ଦ୍ଦାରେ
ଉଙ୍କି ମାରୁଥିବା
ଭଙ୍ଗା ରୁଜା ଚେନାଏ ମୋହ ।

ମୋ ବର୍ଣ୍ଣ ଦିଗନ୍ତରେ
ଦିଗ ହଜିଥିବା
ଅଜଣା ଅଶୁଣା ବାଟଟି ।
ମୋ ପୂର୍ଣ୍ଣାଭିନୟରେ
ଛପା ବାସ୍ତବତା
ପୁରିଲା ପୁରିଲା ମଞ୍ଚଟି ।

ଆଜି ମୋ,
ଧ୍ୱନି ଖୋଜେ ପ୍ରତିଧ୍ୱନି
ସ୍ମୃତି ସାଉଁଟେ ବିସ୍ମୃତି
ଉଭା ଅପେକ୍ଷାରେ ନକ୍ଷତ୍ର
ଆଉ ମାଳୀ ର ହାତକୁ ପତ୍ର ।

ଖୋଜେ ମୁଁ,
ଏଇ ମୋହ ଆଉ ଲୁହର
ଅନ୍ତରାଳରେ
ଏକ ବାସ୍ତବତାର ନାଟ
ଏଇ ବର୍ଣ୍ଣ ଦିଗନ୍ତରେ
ଏକ ଫର୍ଚ୍ଚା, ସରଳ ବାଟ ।


+ ଅଟାସାହି
ଆନନ୍ଦପୁର, କେନ୍ଦୁଝର




### ସାରଙ୍ଗ ସୁର

**ଆନନ୍ଦ କୁମାର ମାଇତି**



ଏବେଏବେ ସବୁ ରାତିରେ
ମୁଁ ନିଜ ସହ ନିଜେ ଯୁଦ୍ଧ କରେ
ମୁଁ କିଏ ବୋଲି ।
ବିଜୁଳି ଆଲୋକକୁ ଦିନ ଖାରା ଭାବି
ମାଛି ମାନେ ଗୁଣୁ ଗୁଣୁ କରି
ବିରୋଧ କରେ
ହେଲେ ଖଟିଆରେ
ଲଟରପଟର ହେଉଥିବା ଜହ୍ନଟା
କହି ବସେ ମୋର ଯାବତୀୟ
ଆଦବ କାୟଦା
ମୁଁ କାଳେ ଦୁଃଷ୍ଟର ଦେଉଳର
ଯକ୍ଷ ପ୍ରସାଦ ତଟରେ
ଏକ ମନୁଆ ପଥଚଲା ଦୁଲର ଟେ
ସ୍ୱାଦ ବିସ୍ୱାଦ ର ଖେଦ କେତେ
ତଉଲିବାରେ ବ୍ୟସ୍ତ ଅହରହ
ଜନ୍ମ ଜନ୍ମାନ୍ତର ରାତି ନିର୍ଜନତାରେ ।
କାଳେ କେବେ ମୋତେ
ଯୋଛନା ଦେଖିଛି
ଆନନ୍ଦର ଆରକ୍ତିମ ଚୋରଣୀ
ଅଳସି ଆଖିରେ
ଚାନ୍ଦିନୀ ର ଗୀତ ଲହରୀ ବେଳେ
ନଟିଆ ନିଦଟ ନେଇ ଶୋଇପଡିଥିଲି
ଆବେଗର ରାଜ ବଧୂ ପଲଙ୍କରେ ।
ତାପରେ ଚୋରି କରି ପିଇ ଥିଲି
କ୍ରୀତଦାସି ବାଳିକାର ଲୋତକ ମଧୁ
ପ୍ରୀତି ସାମ୍ରାଜ୍ଞିର ନିର୍ଦ୍ଦୟ ଆଖିର ଦର୍ପ
ବିଦ୍ରୁପକୁ ଖାତର ନକରି
ତମାମ ନିଶି ଟାରେ ।

ଏମିତି କେତେ କେଉଁ
ରତନ ଶେଯରେ ସୋହାଗର
ମଧୁଦିପ ଲିଭେଇ
ଭିକାରି ଇଶ୍ୱରୀ ଓଠରେ ମୁଁ
ଆଙ୍କିଛି ପୁଳା ପୁଳା ବର୍ବର ଚୁମ୍ବନ
ବର୍ବର ବ୍ୟାଧ ପରି ମୋଡ଼ି ପକାଏ
ଭିରୁ କପୋତମାନଙ୍କର
ପୂର୍ଣ୍ଣ ପକ୍ଷ ଡେଣା
ଅସ୍ତ ଜହ୍ନ ସେବେ ଝରାଏ ଆଖିରୁ
ଶ୍ରାବଣୀର ଲୋତକ ଧାର ।

ଏହା କାଳେ
ମନ ଚୋର ମାନସର ସାରଙ୍ଗ ସୁର
ଉଦାସୀ ରାତିର ଗଠିତ
ଉଦ୍ଦାମ ଝଙ୍କାରି ।


+ ଝାଟିପାରି, ଆମ୍ବିକି,
ଏରସମା, ଜଗତ ସିଂହ ପୁର ।
(ମୋ) ୯୪୩୯୦୭୭୩୯୫



# ଫୁଲଜହ୍ନି





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮)

# ଭଗୀରଥଙ୍କ କଥା (୧)



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ, ଆମ ଦେଶରେ ଅନେକ ପବିତ୍ର ନଦୀ ଅଛି। କେହି କହିପାରିବ ସେମାନଙ୍କ ନାଁ? ମିନା ଅପାଙ୍କ କଥାରେ ସୁମନ ହାତ ଟେକିଲା ଓ କହିବାକୁ ପ୍ରସ୍ତୁତ ହେଲା। ଠିକ୍ ଅଛି ସୁମନ, କୁହ ମିନା ଅପାଙ୍କ କଥାରେ ସୁମନ ଛିଡ଼ା ହେଲା ଓ କହିଲା- "ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, କୃଷ୍ଣା ଓ କାବେରୀ"।

-ବାଃ, ବଢ଼ିଆ କଥା କହିଲ ସୁମନ। କିନ୍ତୁ ଆମ ରାଜ୍ୟର ମହାନଦୀକୁ ଭୁଲିଗଲା ତାଛଡ଼ା ଭାରତୀୟ ବିଚାରଧାରାରେ ଆଉ ଗୋଟେ ନଦୀ ଅଛି ଯିଏ ଦୃଶ୍ୟମାନ ନୁହେଁ- ସେ ପବିତ୍ର ନଦୀ ନାଁ ହେଉଛି ସରସ୍ୱତୀ। ପିଲାମାନେ, ଗଙ୍ଗାନଦୀକୁ ସାରା ଭାରତର ପବିତ୍ର ପାବନୀ ନଦୀର ମାନ୍ୟତା ଦିଆଯାଇଛି। ଏହି ନଦୀକୁ ବିଭିନ୍ନ ନାମରେ ଜଣାଯାଏ ଯେପରି ଜାହ୍ନବୀ, ଭାଗୀରଥୀ ଓ ଆହୁରି ଅନେକ। ତୁମେ ଜାଣିଛକି- ଗଂଗା ନଦୀକୁ ଭାଗୀରଥି ବୋଲି କୁହାଯାଏ। ଭାରତର ଲୋକ ଅତି ଶ୍ରଦ୍ଧା ଓ ସମ୍ମାନ ସହିତ ଗଙ୍ଗା ନଦୀକୁ ଭାଗୀରଥି ବୋଲି ଡାକନ୍ତି ଓ ସୂର୍ଯ୍ୟବଂଶୀ ରାଜା ଭଗୀରଥଙ୍କୁ ସ୍ମରଣ କରନ୍ତି।

ମୁଁ ଆଜି ସେହି ଭଗୀରଥଙ୍କ କଥା କହିବ।

ସୂର୍ଯ୍ୟବଂଶର ଜଣେ ପ୍ରଭାବଶାଳୀ ରାଜା ଥିଲେ ଯାହାଙ୍କ ନାମ ଥିଲା ସଗର। ସେ ରାଜାଙ୍କଠାରୁ ଦୁଇ ଜଣ ରାଣୀ ଥିଲେ। ଜଣଙ୍କ ନାମ ଥିଲା କେଶିନୀ ଓ ଅନ୍ୟ ଜଣଙ୍କର ନାମ ଥିଲା ସୁମତୀ। ରାଜାଙ୍କର କୌଣସି ପୁତ୍ର ନଥିଲେ। ତେଣୁ ସେ ଋଷି ଭୃଗୁମୁନିଙ୍କ ପ୍ରାର୍ଥନା କଲେ। ଋଷିଙ୍କ କୃପାରୁ ରାଣୀ କେଶିନୀ ଗୋଟିଏ ପୁତ୍ର ଜନ୍ମ ଦେଲେ ଯାହାଙ୍କର ନାମ ଥିଲା ଅସମଂଜ। ଅନ୍ୟ ରାଣୀଙ୍କର ଅନେକ ପୁତ୍ର ଜନ୍ମ ହେଲେ।

ପୁରାଣ ଯୁଗରେ ରାଜାମାନେ ଅଶ୍ୱମେଧ ଯଜ୍ଞ କରି ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରୁଥିଲେ। ସଗର ରାଜା ମଧ୍ୟ ସେହି ଯଜ୍ଞ ଆରମ୍ଭ କଲେ। ସେ ଯଜ୍ଞର ବିଧି ଅନୁସାରେ ଗୋଟେ ଅଶ୍ୱକୁ ସୁସଜ୍ଜିତ କରି ବୁଲିବାକୁ ଛାଡ଼ି ଦିଆଯାଏ ଓ ଅଶ୍ୱଟି ବିଭିନ୍ନ ଦେଶରେ ବୁଲେ। ଯଦି ସେ ଅଶ୍ୱକୁ କେହି ବାନ୍ଧିଦିଏ, ତା ସହିତ ଯୁଦ୍ଧ ହୁଏ ଓ ଯୁଦ୍ଧରେ ପ୍ରଥମ ପକ୍ଷ ଜିତିଲେ ଦ୍ୱିତୀୟ ପକ୍ଷ ପ୍ରଥମ ପକ୍ଷର ବଶ୍ୟତା ସ୍ୱୀକାର କରେ। ସଗର ମହା ପରାକ୍ରମୀ ରାଜା ଥିଲେ। ତେଣୁ ତାଙ୍କ ଅଶ୍ୱକୁ ଅଟକେଇବାକୁ କେହି ସାହସ କରି ନଥିଲେ। ଅଶ୍ୱଟି ଠିକ ସମୟରେ ଯଜ୍ଞଶାଳାରେ ପହଂଚିଗଲା।

ପୃଥିବୀର କୌଣସି ରାଜା ବା ଋଷି ଅଧିକ ତପସ୍ୟା ବା ଯଜ୍ଞ କରି ପୂଣ୍ୟ ଅର୍ଜନ କରେ ତାଙ୍କୁ ଇନ୍ଦ୍ରପଦ ମିଳିବାର ସୁଯୋଗ ଥାଏ। ଦେବତାମାନଙ୍କ ରାଜା ହେଉଛନ୍ତି ଇନ୍ଦ୍ର। କୌଣସି ଜଣେ ବ୍ୟକ୍ତି ଇନ୍ଦ୍ର ପଦରେ ରହି ନଥାନ୍ତି। ନିଜ ତପ ଓ ପୂଣ୍ୟ ବଳରେ ମାନବ ମଧ୍ୟ ଇନ୍ଦ୍ରପଦବୀ ପାଇପାରିବେ। ସେଥିଲାଗି ପୃଥିବୀର କୌଣସି ରାଜାଙ୍କ ଯଜ୍ଞ କଲେ କିମ୍ବା ଋଷି ଅଧିକ ତପସ୍ୟା କଲେ ତାଙ୍କ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରନ୍ତି ସେ ସମୟର ଇନ୍ଦ୍ର ଦେବତା।

ସଗର ରାଜାଙ୍କ ଯଜ୍ଞରେ ବାଧା ସୃଷ୍ଟି କରିବାକୁ ସେ ସମୟର ଇନ୍ଦ୍ର ଦେବତା ଅଶ୍ୱମେଧ ଯଜ୍ଞ ଲାଗି ଉଦ୍ଦିଷ୍ଟ ଅଶ୍ୱଟିକୁ ଚୋରାଇ ଜଣେ ତେଜସ୍ୱ ଓ ତପସ୍ୱୀ କପିଳମୁନିଙ୍କ ଆଶ୍ରମରେ ଛାଡ଼ି ଦେଇଥିଲେ। ଅଶ୍ୱମେଧ ଯଜ୍ଞର ଶେଷଦିନ ପରମ୍ପରା ହିସାବରେ ଅଶ୍ୱକୁ ବଳି ଦିଆଯାଏ।

ପିଲାମାନେ, ସେ ଯୁଗରେ ସେ ପ୍ରକାର ପରମ୍ପରା ଥିଲେ। ରାଜାମାନେ ସବୁ କରି ପାରୁଥିଲେ। ମାତ୍ର ଏବେ ପଶୁବଳି ପ୍ରଥା ଆଇନ୍ ଅନୁସାରେ ଦଣ୍ଡନୀୟ ଅପରାଧ।

ଯଜ୍ଞର ଶେଷ ଦିନ ଯଜ୍ଞ ଅଶ୍ୱ ଗାଏବ। ସଗର ତାଙ୍କ ଦ୍ୱିତୀୟ ରାଣୀଙ୍କ ସବୁ ପୁତ୍ରଙ୍କ ଅଶ୍ୱ ଖୋଜି ଆଣିବାକୁ ପଠାଇଲେ। ସେମାନେ ବିଭିନ୍ନ ଯାଗା ଖୋଜିଲେ। ପୃଥିବୀକୁ ଖୋଜିଲେ। ଶେଷକୁ ସେମାନେ କପିଳ ମୁନିଙ୍କ ଆଶ୍ରମରେ ପହଂଚିଲେ ଓ ସେଠାରେ ଅଶ୍ୱକୁ ଦେଖି ସେମାନେ ଭାବିଲେ କପିଳମୁନି ସେ ଅଶ୍ୱକୁ ଚୋରାଇ ଆଣିଛନ୍ତି। ସଗରଙ୍କ ପିଲାମାନେ ମୁନିଙ୍କୁ ଗାଳିମନ୍ଦ କଲେ। କପିଳ ମୁନିଙ୍କ କୋପରେ ସଗର ରାଜାଙ୍କ ପୁତ୍ର (ଦ୍ୱିତୀୟ ରାଣୀଙ୍କର) ମାନେ ଭସ୍ମିଭୂତ ହେଲେ।

ତେଣୁ ତାଙ୍କୁ ସଗର ରାଜା ନିଜ ଦେଶରୁ ବହିଷ୍କାର କରି ଦେଇଥିଲେ। ତେବେ ଅସମଂଜଙ୍କ ରାଣୀ ଅଂଶୁମାନଙ୍କୁ ଜନ୍ମ ଦେଇଥିଲେ। (କ୍ରମଶଃ)


+ମୋ: ୯୯୮୦୩୦୦୭୫୧


## କବିତା
ତୁମ ପାଇଁ

### ବିଶ୍ୱର ଆମର, ଆମେ ଯେ ବିଶ୍ୱର

ନୀଳମଣି ଚାନ୍ଦ



ସେ ଏମିତି ଏକ ମୂଲକ
ଭରିଦିଏ ମନେ ପୁଲକ
ଜୀବଜନ୍ତୁ ତା'ର ଅଲଗା
ସେଇଠିକି ଯିଏ ବୁଲିବାକୁ ଯାଏ
ଦେଖିବ ନିଶ୍ଚୟ ବଲଗା।

ପହଞ୍ଚିଲେ ସେଠି ଯାଇକି
ଏସ୍କିମୋ ତ ଥିବେ ଚାହିଁକି
ବରଫର ଘର ଇଗଲୁ
ସ୍ଲେଜ ଗାଡ଼ିରେ ବସି ବୁଲିଲେରେ
ମଜା ନେବେ ଚିଣ୍ଟୁ, ଚଗୁଲୁ।

ବରଫ, ବରଫ, ବରଫ
ରହିଥିବ ସବୁ ବରଫ
ଲାଗୁଥାଏ ଭାରି 'ହେମାଳ'
କେତେ ଥଣ୍ଡା ସେଠି ଜାଣିବେ କେମିତି
ଯାହାଘର 'ସୋର', 'ନେମାଳ'।

କେତେ 'ଦେଶ' ଅଛି 'ବିଶ୍ୱ'ରେ
ବୁଲିଲେ ହେବନି ଶେଷରେ
ସେ ତୁନ୍ଦ୍ରା ମୂଲକ ଅଲଗା
'ଓଟ', 'ଜିରାଫ'ର ରାଇଜଟି ନୁହେଁ
ଜଣେଇ ଦିଏରେ 'ବଲଗା'।

ଭିନ୍ନ 'ନାମ' ଭିନ୍ନ 'ସ୍ଥାନ'ରେ
ଆୟତନ 'ବଡ଼' 'ସାନ'ରେ
ହେଉ ଯହିଁ ଯାହା ଘରଟି
"ବିଶ୍ୱ ଆମର, ଆମେ ଯେ ବିଶ୍ୱର"
କହିବାରେ ଗୋଟେ ଥରଟି।


+୨୭, ମନ୍ତ୍ର ମାନୋର
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ: ୯୫୮୩୨୦୨୩୫୭


### ଶଙ୍ଖାରି ଗାଆଁର ମନୋଜ

ମାନସ ରଞ୍ଜନ ମହାପାତ୍ର



ଶଙ୍ଖାରି ଗାଆଁର ମନୋଜ
କରୁଥିଲା ଭାରି ମଉଜ

ଚଢ଼ିଲା ନୂତନ ଜାହାଜ
ବୁଲିଲା ଅନେକ ରାଇଜ
ପିନ୍ଧିଲା କେତେ ଯେ ତାବିଜ
ହେଇଗଲା ସବୁ ସମଝ

ଲେଖିଲା କେତେ ଯେ କାହାଣୀ
ହୋଇଲା ଦକ୍ଷିଣ ମୁହାଣି

ଅରବିନ୍ଦ ନାମ ଜପିଲା
କେତେ ଯେ କାହାଣୀ ଲେଖିଲା

କବିତାରେ କଥା ଲେଖିଲା
ପଢ଼ି ତାକୁ ମାଟି ହସିଲା

ପଢ଼ି ଦେବ ମହାପାତର
କୁଙ୍କୁମରେ ଦେଲେ ଚାଦର

କେତେ ଯେ ସରସ ଗପରେ
କିମିଆ ଥିଲା ତା କଥାରେ

ଶଙ୍ଖାରି ଗାଆଁର ମନୋଜ
ଓଡ଼ିଶା ମାଟିର ନାମ ବଢାଇଲା
ସିଏ ଆମ ଦେଶ ସୂରୁଜ।


+ ମଧୁବନ ଷଷ୍ଠ ଗଳି
ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡା ରୋଡ଼
ପୁରୀ -୨
ମୋ: ୯୮୯୧୯୪୬୧୭୮


### ମେଘ ଆସିବାରୁ.....

ପ୍ରକାଶ କୁମାର ଚାନ୍ଦ



ମେଘ ଆସିବାରୁ କୁନା ଦଉଡିଲା
ଘର ପଛପଟ ବାଡିକି
ଅନାବନା ସବୁ ଘାସ ଉପାଡିଲା
କୋଦାଳରେ ମାଟି ତାଡିକି ।।

ଅତି ଯତନରେ ଚାରାଟିଏ ନେଇ
ପୋତିଦେଲା ତାକୁ ମାଟିରେ
ସୁରକ୍ଷା ପାଇଁକି ଚାରିପଟେ ତାର
ଘେରେଇଲା ନେଇ ତାଟିରେ ।।

ଧିରେ ଧିରେ ଚାରା ହୋଇଲା ତ ବଡ
ଧରିଲା ଫୁଲର କଷିରେ
ସକାଳ ହୋଇଲେ ଦଳଦଳ ପକ୍ଷୀ
ଗୀତ ଗାଇଲେଣି ବସିରେ ।।

କୁନା ମନ ଖୁସି କହିଲେ ନସରେ
ପରିଶ୍ରମ ଫଳ ମିଳିଛି
ଟିକି ଚାରାଟିଏ ଝଙ୍କାଳିଆ ହୋଇ
କେତେ ଫୁଲ ଫଳ ଫଳିଛି ।।

ସାଙ୍ଗସାଥି ସବୁ ଗାଆଁରୁ ଡକେଇ
କହିଲା ଏକଥା ବୁଝେଇ
ଆସ ଗୋଟେଗୋଟେ ଚାରାଟିଏ ନେଇ
ସଭିଏଁରେ ଦେବା ଲଗେଇ ।।

ଡକାଡକି ହୋଇ ଚାଲିଗଲେ ସବୁ
ଗାଆଁ ମୁଣ୍ଡ ପାଖ ପଡିଆ
ଲଗେଇଲେ ଚାରା ପଣସ ପିଜୁଳି
ଆମ୍ବ ଜାମୁ ବର ନଡିଆ ।।


ଜୟପୁର ଶାସନ ପିପିଲି ପୁରୀ
ମୋ.୯୮୫୩୩୫୪୯୩୮


## ପିଲାଙ୍କ ଉପନ୍ୟାସ : ଭାଗ-୧୪

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୋମୁ ବିକଳରେ ଟାଇମ୍ ମେସିନ୍‌ରେ ଚଢ଼ିଗଲା । ମନୀଷ ଏଥର ଈଶ୍ୱରଙ୍କୁ ମନେମନେ ସ୍ମରଣ କରି ରେଡ୍ ବଟମ୍ ଟିପି ଧରିଲା । ମାଟି ଉପରେ ଥିବା ଚକ୍ରଟି ଘୂରିଘୂରି ଚଟାଣଟା ଦି ଭାଗ ହୋଇଗଲା । ଟାଇମ୍ ମେସିନ୍ ସହ ସୋମୁ ଓ ମନୀଷ ଭୂ-ଭାଗ ମଧ୍ୟକୁ ପ୍ରବେଶ କଲେ ।

### ୭-ଜଳହୀନ ଦୁନିଆ

ଜଳ ହିଁ ଜୀବନ । ଖାଦ୍ୟବିନା ଜଣେ ମଣିଷ ପ୍ରାୟ ତିନି ସପ୍ତାହ ଅର୍ଥାତ୍ ୨୧ ଦିନ ବଂଚିଯାଇପାରେ, ମାତ୍ର ଜଳ ବିନା ଏକ ସପ୍ତାହ ତ ଦୂରର କଥା ଚାରି ଦିନ ବଂଚିରହିବା ମଧ୍ୟ କଷ୍ଟ ସାଧ୍ୟ । ପ୍ରାଣୀ ଓ ଉଦ୍ଭିଦମାନଙ୍କର ଶରୀରରେ ପ୍ରାୟ ୭୦ ଶତାଂଶ ହେଉଛି ଜଳ । ଏମିତିକି କେତେକ ଜୀବଜ଼୍ଞୁଙ୍କ ଶରୀରରେ ୯୦ ଶତାଂଶ ଜଳ ରହିଥାଏ । ମନୁଷ୍ୟଙ୍କ ଶରୀରରେ ୭୦ ଶତାଂଶ ଜଳରୁ ୨୦ ଶତାଂଶ ଜଳ ଜୀବକୋଷର ବାହାରେ ଏବଂ ୫୦ ଶତାଂଶ ଜୀବକୋଷ ଭିତରେ ଥାଏ ।ରକ୍ତ ୮୨ ଶତାଂଶ , ମସ୍ତିଷ୍କ ୭୦ ଶତାଂଶ ଏବଂ ଫୁସ୍ ଫୁସ୍ ୯୦ ଶତାଂଶ ଜଳ ଦ୍ୱାରା ଗଠିତ । ଜଳର ଅନ୍ୟ ପଦାର୍ଥ କୁ ଦ୍ରବୀଭୂତ କରିବାର ଗୁଣ ମଧ୍ୟ ଅତି ପ୍ରଖର । ଶରୀର ଭିତରେ ବିଭିନ୍ନ ପଦାର୍ଥ ଏଥିରେ ଦ୍ରବଣୀୟ ହୋଇ କିମ୍ବା କଲିଳୀୟ (କଲୋଇଡାଲ୍ ) ଦ୍ରବଣ ଆକାରରେ ଥାଏ । ଏହି ଦ୍ରବଣରୁ ଆମ ଶରୀରର କୋଷମାନେ ଆବଶ୍ୟକିୟ ଖାଦ୍ୟ ଅଣୁ, ଲବଣ ଓ ବିଭିନ୍ନ ରାସାୟନିକ ପଦାର୍ଥ ଗ୍ରହଣ କରିଥାନ୍ତି । ରକ୍ତରେ ଥିବା ଜଳ ବିଭିନ୍ନ ପଦାର୍ଥକୁ ଦ୍ରବୀଭୂତ କରି ଶରୀରର ବିଭିନ୍ନ ଅଂଶକୁ ପଠାଇଥାନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଜଳ ବିନା ଜୀବନ କଳ୍ପନାତୀତ । ସେଥିପାଇଁ ଜଳକୁ ଜୀବନ କହନ୍ତି ।

ଜଳବିନା ମଣିଷର ଜୀବନ ସଂକଟାପନ୍ନ । କ୍ଷଣ କ୍ଷଣକେ ଜୀବନ ମୃତଅବସ୍ଥା । ତା'ର ଏପରି ଅବସ୍ଥା ଦେଖି ସୋମୁକୁ ଚତୁର୍ଦ୍ଦିଗ ଅନ୍ଧାର ଦିଶୁଛି । ଟାଇମ୍ ମେସିନ୍‌ରେ ସେମାନେ ଯେଉଁଠି ପହଂଚିଛନ୍ତି ସେପରି ଦୁନିଆ କେବେ ସ୍ୱପ୍ନରେ ବି ଦେଖିନାହାନ୍ତି । ସହରର ଚାକଚକ୍ୟ ଅତି ଉଚ୍ଚକୋଟୀର । ରାସ୍ତା ଘାଟ କେଉଁଠିରେ କେଜାଣି ପାଖ ଆଖର ପ୍ରତିବିମ୍ବ ପ୍ରତିଫଳିତ ହେଉଛି । ରାସ୍ତାର ଦୁଇ ପାର୍ଶ୍ୱରେ ଝାମ୍ପୁଲା ଛୋଟ ଗଛର ସବୁଜ ବଳୟ । କେତେ ଜାତିର ଫୁଲ ଫୁଟିଛି । ଯାହା ସେମାନେ ଆଗରୁ କେବେ ଦେଖି ନଥଲେ । ଚାରିଆଡେ ଆଲୋକିତ । ଏହି ଆଲୋକର ମଥା ଉପରୁ ଆସୁଛି । ସବୁକିଛି ଆକର୍ଷଣୀୟ ଅଥଚ ଅବିଶ୍ୱନୀୟ । କୌଣସି ମନୁଷ୍ୟ ଅବା ଜୀବଜନ୍ତୁ ଏ ପର୍ଯ୍ୟନ୍ତ ସୁଦ୍ଧା ଦୃଷ୍ଟିଗୋଚର ହୋଇନି । ଟାଇମ୍ ମେସିନ୍‌ରେ ସେମାନେ ଏକ ବୁଦାଳିଆ ଗଛ ଉଢାଳରେ ସେମାନେ ଅବତରଣ କରିଥିଲେ ଜାଣି ଜାଣି । ନୂଆ ସ୍ଥାନ ସମ୍ପର୍କରେ ସେମାନେ ଅଜ୍ଞ । ପୂର୍ବ ସମୟ ପରି କି ବିପଦ ଅଛି ସେମାନେ ଜାଣିବେ କେମିତି ? ଏମିତିରେ ଦେଖିଲେ ଏ ପର୍ଯ୍ୟନ୍ତ ସୁଦ୍ଧା ସେମାନଙ୍କ ସମୟ ଯାତ୍ରା ଆଦୌ ଆନନ୍ଦମୟ ନୁହେଁ; ପୂରା ବିପଦପୂର୍ଣ୍ଣ । ମନୀଷର ଗମ୍ଭୀର ପରିସ୍ଥିତି । ତାକୁ ସୁସ୍ଥ କରିବାକୁ ହେଲେ ପ୍ରଥମ ଜଳର ଆବଶ୍ୟକତା ଅଛି । ସୋମୁ ଜାଣେ ଗଛର ପତ୍ରରେ ମଧ୍ୟ ଜଳ ଥାଏ । ତାକୁ ଚୋବାଇଲେ ରସ ମିଳେ । ସେ ନିଜେ ସେଇ ବୁଦା ଗଛର ପତ୍ର ଛିଣ୍ଡାଇଲା ମାତ୍ର ତାହା ଛିଣ୍ଡିଲା ନାହିଁ । ପାଟିରେ କାମୁଡିଲା ମାତ୍ର ତାହା ପତ୍ର ପରି ଲାଗିଲା ନାହିଁ । କଠିନ ପ୍ଲାଷ୍ଟିକ୍ ପତ୍ର ପରି ଥିଲା । ତାକୁ ଏବେ ଯେମିତି ହଉ ଜଳର ଅନୁସନ୍ଧାନ କରିବାକୁ ହେବ ଟାଇମ୍ ମେସିନ୍‌ରେ ଏକା ସେ ମନୀଷକୁ ଏକାକୀ ଛାଡି ସେ ଆଗେଇଲା ।

ଅନେକ ବାଟ ଚାଲିଗଲାଣି ସୋମୁ । ୱାଟର ସପ୍ଲାଏ ଟ୍ୟାବ୍, ଟ୍ୟୁବେଲ୍, କୂଅ, ନଈ,ନାଳ,- କୌଣସି ଜଳଉତ୍ସ ତାର ଦୃଷ୍ଟିଗୋଚର ହେଉନାହିଁ । କି ବିଚିତ୍ର କଥା ! ଜଳ ବିନା ଏ ଦୁନିଆ ରହିଛି କେମିତି !!

ହାଲିଆ ହୋଇପଡିଲା ସୋମୁ । ରାସ୍ତା କଡର ଏକ ସୁନ୍ଦର ବେଂଚ୍ ଉପରେ ବସିପଡିଲା । ଥଣ୍ଡା ହାଓାରେ ଆଖି ମୁଦି ହେଇଗଲା ତାର କେହି ଜଣେ ତା ପାଖରେ ଆସି ଠିଆ ହବାର ସେ ଅନୁଭବ କଲା । ଚାଉଁକିନା ଉଠିପଡିଲା ସେ ଖୁସିରେ ଆତ୍ମହରା ହୋଇପଡିଲା ସେ ଝିଅଟିକୁ ଦେଖି ଦୀର୍ଘପଥ ଯାତ୍ରା ପରେ ସେ ଏବେ ତା ପରି ଜଣେ ମଣିଷକୁ ଦେଖୁଛି । ଛୋଟ ଝିଅଟିର ବୟସ ତା ବୟସଠୁ ବି କମ୍ ହେବ । ଭଲ ଭାବେ ସେ ତାକୁ ନିରୀକ୍ଷଣ କଲା । ବାସ୍ତବରେ ସିଏ ସାଧାରଣ ମଣିଷଙ୍କଠାରୁ ଟିକେ ଭିନ୍ନ ତା' ଶରୀରର ଚର୍ମ, ଆଖିର ଜ୍ୟୋତି ବେଶଭୁଷା ସବୁକିଛି ଅଲଗା ଥିଲା । ସୁନ୍ଦର ଚଳମାନ ମୂର୍ତିଟିଏ ପରି ଲାଗୁଥିଲା ସେ ସୋମୁ ତାକୁ ଯାହା କହିଲା ସେ କିଛି ବୋଧେ ବୁଝିପାରୁନଥିଲା । ତା କଥା ମଧ୍ୟ ସୋମୁ ପାଇଁ ଅବୁଝା ଥିଲା ।

ଛୋଟ ଝିଅଟି ସୋମୁ କାନରେ ଏକ ଛୋଟ ଯନ୍ତ ଲଗାଇ ଦେଲା । ଏହା ଆମ ଇଅର୍ କଡ୍ ବଟମ୍‌ଠୁବି ଛୋଟଥିଲା ଆଉ ସେହିପରି ଏକ ବଟମ୍ ନିଜ କାନରେ ଦେଲା ସେ । ଏବେ ସୋମୁ ତା ଭାଷାକୁ ନିଜ ଓଡିଆ ଭାଷାରେ ଶୁଣିବାକୁ ପାଇଲା ସେ ସୋମୁ କୁ କହୁଥିଲା - ଶୀଘ୍ର ଏଠାରୁ ଚାଲିଯାଅ ନଚେତ୍ ଏଠାକର ଶାସକ ତୁମକୁ ବନ୍ଦୀ କରିନେବେ । ସୋମୁ ସେ ଛୋଟ ଝିଅଟିର ହାତ ଧରି କାନ୍ଦିକାନ୍ଦି କହିଲା ଦୟାକରି ମୋତେ ସାହାଯ୍ୟ କର । ମୋ ସାଙ୍ଗ ମୃତବତ୍ ପଡିରହିଛି । ତାକୁ ବଂଚାଅ ।(କ୍ରମଶଃ)


+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦


# ସାବାସ ଦୀପଙ୍କର



ବିନୟ କୁମାର ଦାସ



ଅନେକ ଦିନ ପରେ ସେ ସହରରେ ଏକ ବିରାଟ ହସ୍ତତନ୍ତ ଶିଳ୍ପର ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ସେଥିପାଇଁ ସେଠାରେ ପ୍ରବଳ ଭିଡ । ପିଲାଠାରୁ ବୁଢା ଯାଏ ସମସ୍ତେ ମନ ଖୁସିରେ ପ୍ରଦର୍ଶନୀର ମଜା ନେଉଥାନ୍ତି । ହସ୍ତତନ୍ତ ସହିତ ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ବି ବିକ୍ରୀ ହେଉଥିଲା । ଯେଉଁମାନେ ପ୍ରଦର୍ଶନୀ ବୁଲି ଆସୁଥିଲେ, କିଛି ସାମଗ୍ରୀ କିଣନ୍ତୁ କି ନ କିଣନ୍ତୁ , ନିଶ୍ଚିତ ଭାବରେ ଖାଇବା ଷ୍ଟଲ ପାଖରେ ଭିଡ ଲଗାଉଥିଲେ ଓ ମନ ଭରି ସୁଆଦିଆ ଖାଦ୍ୟର ମଜା ବି ନେଉଥିଲେ ।

ସୁନୀତା ଆଉ ତା ପୁଅ ଦୀପଙ୍କର ପ୍ରଦର୍ଶନୀକୁ ଯିବା ପାଇଁ ବାହାରିବା ଦେଖି ତାଙ୍କ ପଡୋଶୀ ମଂଜୁ ବି ସେମାନଙ୍କ ସହିତ ଗଲା । ଦୀପଙ୍କର କହିଲା , " ବୋଉ, ଆଜି ରବିବାର । ମୋର ଟ୍ୟୁସନ ନାହିଁ କି ଆସନ୍ତାକାଲିର ହୋମଟାସ୍କ ମୁଁ କିଛି ବାକି ରଖି ନାହିଁ । କେବଳ ପ୍ରଦର୍ଶନୀ ବୁଲି ଦେଖିବା ପାଇଁ ମୁଁ ଆଜି ସବୁ ହୋମଟାସ୍କ ସାରି ଦେଇଛି । ତେଣୁ ମନ ଭରି ବୁଲିବା । ନା କଣ କହୁଚ ?" ସୁନୀତା କିଛି କହିବା ପୂର୍ବରୁ ମଂଜୁ କହିଲା, " ଆରେ ତାକୁ କଣ ପଚାରୁଛୁ, ମୋତେ ସାଂଗରେ ନେଉଛ ମାନେ ମୁଁ କଣ ଏତେ ଶୀଘ୍ର ଫେରି ଆସିବି କି ? ତିନିଜଣ ମିଶି ଖୁବ୍ ବୁଲିବା । ତୁ ଜମା ବ୍ୟସ୍ତ ହେବୁ ନାହିଁ । ପୂରା ଥକ୍କା ହେବା ପର୍ଯ୍ୟନ୍ତ ବୁଲିବା ।"

ସତକୁ ସତ ତିନିହେଁ ଖୁବ୍ ବୁଲିଲେ । ପ୍ରତିଟି ଷ୍ଟଲରେ କିଛି ସମୟ ଦେଇ ବିଭିନ୍ନ ପ୍ରକାରର ହାତ ବୁଣା ଲୁଗା ଦେଖି ଆଶ୍ଚର୍ଯ୍ୟ ହେଲେ । ବେଶ୍ କିଛି ଲୁଗା ବି କିଣା ହେଲା । କାରଣ ଏଠାରୁ ନ କିଣିଲେ , ପରେ ଏ ସବୁ ଏ ସହରରୁ ମିଳିବ ନାହିଁ । ଦେଶର ବିଭିନ୍ନ ରାଜ୍ୟରୁ ଷ୍ଟଲ ଆସିଥିଲା । ତେଣୁ ଏ ସୁଯୋଗ ବା ସେମାନେ ହାତଛଡା କରନ୍ତେ କାହିଁକି ?

ଏବେ ସେମାନେ ଚାଲିଲେ ଖାଇବା ଷ୍ଟଲ ପାଖକୁ । ବାଃ, କେତେ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ । ବିଭିନ୍ନ ପ୍ରକାରର ଚାଟ୍, ଆଇସକ୍ରିମ୍ , ଗୁପ୍ ଚୁପ୍ , ଆଳୁ ଟିକିଆ, ଭେଲପୁରୀ...ଆହୁରି କେତେକଣ । ମନ ଭରି ଖାଇଲେ । ଖାଇ ସାରିବା ପରେ ଗୁପଚୁପ୍ ବାଲାକୁ ପଇସା ଦେବା ସମୟରେ ସୁନୀତା ଲକ୍ଷ୍ୟ କଲେ ଦୀପଙ୍କର ସେଠାରେ ନାହିଁ । ସେ ବ୍ୟସ୍ତ ହୋଇ ପଡିଲେ । ଏଣେତେଣେ ଚାହିଁଲେ । କାହିଁ ..ଆଖପାଖରେ ସେ ଦେଖା ଯାଉନଥିଲା । ମଂଜୁ ବି ଖୋଜିଲା, କିନ୍ତୁ ଦୀପଙ୍କର ନଥିଲା ସେଠି । ଦୁହେଁ ବ୍ୟସ୍ତ ହେଲେ । ଆସିବା ସମୟରେ ତାକୁ ବାରମ୍ବାର ତାଗିଦ୍ କରାଯାଇଥିଲା , ସେ ସେମାନଙ୍କ ପାଖ ଛାଡି ଯେମିତି କୁଆଡେ ବି ଏକୁଟିଆ ଯିବନି । ହେଲେ ସେ କୋଉ ମାନୁଛି ? ଏମାନଙ୍କର ବ୍ୟସ୍ତତା ଦେଖି ଗୁପ୍ ଚୁପ୍ ବାଲା କହିଲା , ଆପଣମାନେ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ । ପିଲା ଲୋକ..ଏଇ ପାଖକୁ କୋଉଠିକୁ କିଛି ଦେଖିବା ପାଇଁ ଚାଲି ଯାଇଥିବ । ସେ ବଳେ ଆସିଯିବ । ହେଲେ ତା କଥାକୁ ସୁନୀତା ଜମା ବିଶ୍ୱାସ କରିପାରୁ ନଥିଲା । ସେ ମଂଜୁକୁ କହିଲା , ଚାଲ, ତାକୁ ମେଳାରେ ଖୋଜିବା । ତହୁଁ ଗୁପଚୁପବାଲା କହିଲା, ନା, ମାଡାମ, ସେ ଭୁଲ କରନ୍ତୁନାହିଁ । ସେ ଯଦି ଫେରି ଆସିବ, ତେବେ ଏଇଠିକୁ ହିଁ ଆସିବ । ଆଉ ଆପଣଙ୍କୁ ନ ପାଇ ହଇରାଣ ହୋଇଯିବ । ଆପଣ ଏଇଠି କିଛି ସମୟ ଅପେକ୍ଷା କରନ୍ତୁ । ଧୈର୍ଯ୍ୟ ଧରନ୍ତୁ । ମେଳାରେ ପିଲା ହଜିବା କେନ୍ଦ୍ରରେ ଆପଣ କିଛି ସମୟ ପରେ ଜଣାଇଲେ, ସେମାନେ ମାଇକ୍‌ରେ ତାହା ଘୋଷଣା କରିଦେବେ । ପିଲା ମିଳିଯିବ ।

ଏମିତି କଥା ହେଉଥିବା ସମୟରେ ଦୀପଙ୍କର ଆସି ପହଁଚିଗଲା । ତାକୁ କୋଳେଇ ନେଇ ସୁନୀତା କହିଲେ, କୁଆଡେ ଚାଲିଗଲୁ ତୁ ଆମକୁ କିଛି ନ ଜଣାଇ ? ଜାଣିଛୁ, ଆମେ କେତେ ବ୍ୟସ୍ତ ହେଲୁଣି ? ତହୁଁ ଦୀପଙ୍କର କହିଲା, ବୋଉ, ମୁଁ ତ କୁଆଡେ ଯାଇନାହିଁ । ସେଇ ଡଷ୍ଟବିନ୍ ପାଖକୁ ଯାଇଥିଲି । ସଂଗେସଂଗେ ତ ଫେରି ଆସିଲି । ଏଥିପାଇଁ ଏତେ ବ୍ୟସ୍ତ କଣ ପାଇଁ ?

ମୁଁ ପରା ଏଠାରେ ପଡିଥିବା ପତର ଦୋନା ଗୁଡିକ ଡଷ୍ଟବିନ୍‌ରେ ପକାଇବା ପାଇଁ ଯାଇଥିଲି । ତୁମେ ବି ତ ଚିପସ୍ ଖାଇସାରି ତାର ଖୋଳସବୁ ତଳେ ପକାଇ ଦେଇଥିଲ । ସେସବୁକୁ ନେଇ ମୁଁ ସେ ପାଖରେ ରହିଥିବା ଡଷ୍ଟବିନ୍‌ରେ ପକାଇ ଦେଇ ଆସିଲି ।

ତୋର ଏତେ ଚିନ୍ତା କଣ ପାଇଁ ? ପଡିଥିଲା ତ ପଡିଥିଲା..

କି କଥା କହୁଚ ବୋଉ..ଘରେ କିଛି ଟିକିଏ ଅଳିଆ ଏଣେତେଣେ ପଡିଲେ ତୁମେ ମୋ ଉପରେ ରାଗ । ଅଥଚ ଏଠି ଓଲଟା କଥା କହୁଚ ?

ଆମ ଘରକୁ ଆମେ ସଫା ରଖିବା ଆଉ ଏ ମେଳାକୁ ଅପରିଷ୍କାର କରିଦେବା ? ମେଳା ଆୟୋଜକ ସ୍ଥାନେ ସ୍ଥାନେ ଡଷ୍ଟବିନ୍‌ର ବ୍ୟବସ୍ଥା କରିଛନ୍ତି । ଆମେ ତାର ସଦୁପଯୋଗ କରିବା କଥା । ସେମିତି ହେଲେ ସିନା ମେଳାର ପରିବେଶ ସ୍ୱଚ୍ଛ ସୁନ୍ଦର ରହିବ । ସମସ୍ତେ ଭଲରେ ଭଲରେ ବୁଲି ମଜା ନେଇ ପାରିବେ । ଆମ ପରିବେଶ ପରା ଆମ ହାତରେ । ଆମେ ଟିକିଏ ସତର୍କ ହୋଇଗଲେ, ଏ ମେଳା ଆହୁରି ସୁନ୍ଦର ଲାଗିବ ।

ଦୀପଙ୍କର ଏତକ କହୁଥିବା ସମୟରେ ତା ପିଠି ଥାପୁଡି ଜଣେ ବୟସ୍କ ଭଦ୍ରବ୍ୟକ୍ତି କହିଲେ , " ତୁମେ ଠିକ୍ କହିଚ ବାବୁ । ତୁମର ଚିନ୍ତାଧାରା ଅତି ସୁନ୍ଦର । ଯଦି ଏଇ ଚିନ୍ତାଧାରା ଏ ବୟସରୁ ତୁମର ରହିବ, ତେବେ ଭବିଷ୍ୟତରେ ତୁମେ ବହୁତ କିଛି ଭଲ କାମ କରି ପାରିବ ।"

ସୁନୀତା ଆଶ୍ଚର୍ଯ୍ୟ ହେଲେ ତାଙ୍କଠାରୁ ଏତକ ଶୁଣି । ସେ କିନ୍ତୁ ଏହି ଭଦ୍ରଲୋକଙ୍କୁ ଜାଣି ନଥିଲେ । ଭଦ୍ରଲୋକ କହିଲେ , "ମୁଁ ହେଉଛି ଏହି ମେଳାର ଆୟୋଜକମାନଙ୍କ ମଧ୍ୟରୁ ଜଣେ । ମୁଁ ସଂପାଦକ ଅଛି । ଆପଣଙ୍କ ପୁଅକୁ ମୁଁ ମେଳା କମିଟି ତରଫରୁ ମନୋନୀତ କଲି, ସେ ଏ ବର୍ଷ ମେଳାର ଜଣେ ବିଶିଷ୍ଟ ଶୃଂଖଳିତ ଦର୍ଶକର ପୁରସ୍କାର ପାଇବ । ମେଳାର ଅନ୍ତିମ ଦିବସରେ ଆମେ ତାକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତଙ୍କ ସମ୍ମୁଖରେ ସମ୍ମାନିତ କରାଇବୁ । ଆପଣ ଆମ କାର୍ଯ୍ୟାଳୟକୁ ଦୟାକରି ଆସନ୍ତୁ ଓ ଠିକଣା ଇତ୍ୟାଦି ଦେଇ ଯାଆନ୍ତୁ । ସେଦିନ ଆମ ଗାଡି ଯାଇ ଆପଣମାନଙ୍କୁ ଘରୁ ନେଇଆସିବ ।"

ଏତକ ଶୁଣି ସୁନୀତା ଆଉ ମଂଜୁ ଖୁସିରେ ନାଚିଗଲେ । ସେକଥା ଶୁଣୁଥିବା ସେଠାକାର କିଛି ଦର୍ଶକ ତାଳି ମାରି ଦୀପଙ୍କରକୁ ସାବାସି ଜଣାଇଲେ । ସେତେବେଳକୁ ଦୀପଙ୍କର ଖାଲି ମୁରୁକି ମୁରୁକି ହସୁଥିଲା ।

||||| O |||||


ଅଂଗାରଗଡିଆ, ବାଲେଶ୍ୱର-୧
ମୋ-୭୯୭୮୮୬୦୩୬୩

# ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ପ୍ରସଙ୍ଗରେ ପୁଣି ବର୍ଷିଲା ବିଜେପି

## ଜଣେ ବି ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ନ ଦିଆଯାଉ : ସମୀର ମହାନ୍ତି

ଭୁବନେଶ୍ୱର,୬/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶାକୁ ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ ପକ୍କା ଘର ଆସିଛି । କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି । ଆବାସ ଯୋଜନାରେ ମହାଦୁର୍ନୀତି ହୋଇଛି ବୋଲି କେନ୍ଦ୍ରୀୟ ଟିମ୍ ଜଣାଇବା ପରେ ବି ରାଜ୍ୟ ସରକାର କାହିଁକି ପକ୍କାଘର ବଂଟନ କେଲେଙ୍କାରୀରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିରେ ଯେଉଁ ପ୍ରଶାସନିକ ଅଧିକାରୀମାନଙ୍କର ହାତ ରହିଛି ସେମାନଙ୍କୁ ପୁଲିସ କେବେ ଗିରଫ କରିବ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରାଜ୍ୟ ସରକାର କେବଳ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଗତ ନିର୍ବାଚନରେ ରାଜ୍ୟ ସରକାର ପିଠା ଯୋଜନା କରିଥିଲେ । ସେହି ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଆଜି ଯାଏଁ ପକ୍କା ଘର ମିଳିଲା ନାହିଁ । ପକ୍କା ଘର ବଂଟନରେ ୧ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ବିଜେପି ପୂର୍ବରୁ ଅଭିଯୋଗ କରିଥିଲା । ବେଗୁନିଆ ପଂଚାୟତରେ କେବଳ ଜଣେ ପିଇଓଙ୍କୁ ନିଲମ୍ବନ କରି ପ୍ରଶାସନ ଚୁପ୍ ବସିଛି ।

ବିଜେପି ପ୍ରତିନିଧୀ ଦଳ ତିହିଡି ବ୍ଲକ ଅଧକ୍ଷାଙ୍କ ନୂଆପାଟଣା ଗାଁକୁ ଯାଇ ବିଭିନ୍ନ ଅବ୍ୟବସ୍ଥା ଦେଖିଛନ୍ତି । ତିହିଡି ବ୍ଲକ ଅଧକ୍ଷାଙ୍କ ନିଜ ଗ୍ରାମରେ ବିଜୁଳି ପହଂଚି ପାରି ନାହିଁ । ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି । ଚତୁର୍ଦ୍ଦଶ ଅର୍ଥ କମିଶନରେ ମୋଦି ସରକାର ପ୍ରତି ପଂଚାୟତକୁ ବ୍ୟାପକ ମାତ୍ରାରେ ଅର୍ଥ ପଠାଉଥିଲେ ସୁଦ୍ଧା ରାଜ୍ୟ ସରକାର ଏହି ଅର୍ଥକୁ ହରିଲୁଟ୍ କରୁଛନ୍ତି । ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସିଥିବା ଅର୍ଥ କୁଆଡେ ଗଲା ଏବଂ କାହିଁକି ଖର୍ଚ୍ଚ ହୋଇନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଜଣେ ବି ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ନଦିଆଯାଉ । ଯେଉଁ ଅଧିକାରୀ ଏହି ଦୁର୍ନୀତିରେ ସିଧାସଳଖ ସମ୍ପୃକ୍ତ, ତାଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମହାନ୍ତି ଦାବି କରିବା ସହ ଶେଷ ଯୋଗ୍ୟ ହିତାଧିକାରୀ ଘର ନପାଇବା ଯାଏଁ ବିଜେପି ଲଢେଇ ଜାରି ରଖିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଏବଂ ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପାଳିତ

ଭୁବନେଶ୍ୱର,୬/୮ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସହଯୋଗୀ, ପଂଚସଖାଙ୍କ ମଧ୍ୟରୁ ଅନ୍ୟତମ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମାଜ ସଂସ୍କାରକ, ସାହିତ୍ୟିକ, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ପି.ଏମ୍.ଜି. ଛକରେ ଥିବା ପ୍ରତିମୂର୍ତ୍ତିସ୍ଥଳୀରେ ପାଳିତ ହୋଇଯାଇଛି । ବିଭାଗୀୟ ଅଧିକାରୀଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରବି ନାରାୟଣ ନନ୍ଦ, ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅସିତ ଦାସ, ରମେଶ ଚନ୍ଦ୍ର ପାତାଳସିଂହ, ବ୍ରଜବନ୍ଧୁ ପରିଡ଼ା, ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ତାଙ୍କ ଗୁଣାବଳୀର ସ୍ମୃତି ଚାରଣ କରିଥିଲେ ।

## ନୀଳକଣ୍ଠଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୬/୮ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମିର ପ୍ରଥମ ସଭାପତି, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ୪୧ ବର୍ଷ ପରେ ଅଲମ୍ପିକରେ ଭାରତକୁ ପଦକ ମିଳିଥିବାରୁ ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇଥିଲେ ।

ଓଡ଼ିଶା ରାଜ୍ୟ ସରକାର ଭାରତୀୟ ହକି ଦଳକୁ ପ୍ରୋତ୍ସାହିତ କରୁଥିବାରୁ ଏହାର ଶ୍ରେୟ ନବୀନ ସରକାରର ବୋଲି ଶ୍ରୀ ଦାଶଶର୍ମା କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିରଞ୍ଜନ ଦାଶ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ ଓ ସମରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ପଲାସା-କୋଟାଭାଲାସା ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୧ଟି ଟ୍ରେନ ବାତିଲ



ଭୁବନେଶ୍ୱର, ୦୫ ଅଗଷ୍ଟ - ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ପଲାସା-କୋଟାଭାଲାସା ରେଳ ସେକ୍ସନର ବିଜୟନଗରମ ଓ କୋରୁକୋଣ୍ଡା ଷ୍ଟେସନ ମଧ୍ୟରେ ଏବଂ ପୁଣ୍ଡୁରୀ ଓ ଦୁସି ଷ୍ଟେସନ ମଧ୍ୟରେ ରେଳ ଧାରଣା ତଳେ ଉପାମାର୍ଗ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଜନୀତ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୧ ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ନିଆଯାଇ ଥିବା ବେଳେ ୧୧ଟି ଟ୍ରେନ ପରିବର୍ତ୍ତିତ ସମୟରେ ଚଳାଚଳ କରାଇବାକୁ ସ୍ଥିର କରାଯାଇଛି ।

୦୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ସ୍ପେଶାଲ୍ ସିକନ୍ଦରାବାଦରୁ ୮ ଅଗଷ୍ଟଦିନ ବାତିଲ ରହିବ । ସେହିପରି ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଭୁବନେଶ୍ୱରରୁ ୧୦ ଅଗଷ୍ଟ ରେ , ୦୨୮୨୨ ଚେନ୍ନାଇ-ହାଓଡ଼ା ସ୍ପେଶାଲ ଚେନ୍ନାଇରୁ ୮ ଅଗଷ୍ଟରେ , ୦୮୦୪୮ ଭାସ୍କୋ ଡା ଗାମା-ହାଓଡ଼ା ଅମରାବତୀ ସ୍ପେଶାଲ ଭାସ୍କୋଡାଗାମା ରୁ ୮ ଅଗଷ୍ଟରେ , ୦୭୨୪୩/୦୭୨୪୪ ଗୁଂଟୁର-ରାୟଗଡା-ଗୁଂଟୁର ସ୍ପେଶାଲ ଗୁଂଟୁରରୁ ୮ ଅଗଷ୍ଟରେ ଓ ରାୟଗଡାରୁ ୯ ଅଗଷ୍ଟରେ , ୦୨୮୭୩ ହାଓଡ଼ା-ଯଶୋବନ୍ତପୁର ସ୍ପେଶାଲ ହାଓଡ଼ାରୁ ୮ ଅଗଷ୍ଟରେ , ୦୮୫୨୨/୦୮୫୨୧ ବିଶାଖାପାଟଣା-ଗୁଣୁପୁର-ବିଶାଖାପାଟଣା ସ୍ପେଶାଲ ଉଭୟ ପାର୍ଶ୍ୱରୁ ୯ ଅଗଷ୍ଟରେ ଏବଂ ୦୮୫୭୦/୦୮୫୬୯ ବିଶାଖାପାଟଣା-ଭୁବନେଶ୍ୱର-ବିଶାଖାପାଟଣା ସ୍ପେଶାଲ ଉଭୟ ପାର୍ଶ୍ୱରୁ ୯ ଅଗଷ୍ଟ ଦିନ ବାତିଲ ରହିବ ।

ଅପରପକ୍ଷରେ ୦୮୪୯୫ ରାମେଶ୍ୱରମ-ଭୁବନେଶ୍ୱର ସ୍ପେଶାଲ , ୦୮୪୬୪ ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ସ୍ପେଶାଲ ,୦୨୮୬୭ ହାଓଡ଼ା-ପଣ୍ଡିଚେରୀ ସ୍ପେଶାଲ୍ , ୦୨୮୨୧ ହାଓଡ଼ା-ଚେନ୍ନାଇ ସ୍ପେଶାଲ୍ , ୦୮୧୯୦ ଏର୍ଣ୍ଣାକୁଲମ-ଟାଟା ସ୍ପେଶାଲ୍ , ୦୩୩୫୨ ଆଲେପି-ଧାନବାଦ୍ ସ୍ପେଶାଲ୍ , ୦୮୫୭୪ ଭଗତ କୀ କୋଠି-ବିଶାଖାପାଟଣା ସ୍ପେଶାଲ , ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ସ୍ପେଶାଲ୍ , ୦୫୯୦୬ ଡିବ୍ରୁଗଡ଼-କନ୍ୟାକୁମାରୀ ସ୍ପେଶାଲ୍, ୦୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ସ୍ପେଶାଲ ଓ ୦୨୬୪୨ ଶାଲୀମାର-ତ୍ରିଭେନ୍ଦ୍ରମ ସ୍ପେଶାଲ ଶାଲୀମାର ପରବର୍ତ୍ତିତ ସମୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

## ଦୁଗ୍ଧଚାଷୀଙ୍କୁ କୋଭିଡ୍ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର,୬/୮ (ନି.ପ୍ର): ରାଜ୍ୟର ୧ଲକ୍ଷ ଦୁଗ୍ଧଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆଜି ୧୧ କୋଟି ଟଙ୍କାର କୋଭିଡ୍ ସହାୟତା ରାଶି ପ୍ରଦାନ କରାଯାଇଛି । ଏହାଦ୍ୱାରା ଜଣେ ଜଣେ ଚାଷୀ ୬ ହଜାର ଟଙ୍କା ପର୍ଯ୍ୟନ୍ତ କୋଭିଡ୍ ସହାୟତା ପାଇଛନ୍ତି । ରାଜ୍ୟର ଦୁଗ୍ଧଚାଷୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଏହି ସହାୟତା ଏକ ବହୁତ ବଡ଼ ପଦକ୍ଷେପ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଛି । ମହାସଂଘର ରାଜ୍ୟ ଅଧକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରକାଶ କରିଛନ୍ତି ଯେ, ଓମ୍‌ଫେଡ୍ ଜରିଆରେ ୨ଲକ୍ଷ ୭୮ ହଜାର ଚାଷୀ ପ୍ରତିଦିନ ହାରାହାରି ୬ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରୁଛନ୍ତି । ଏହାବ୍ୟତୀତ ପ୍ରଗତି ଡାଏରୀ, ମିଲ୍କ ମୁଁ ଓ ଓଡ଼ିଶା ଡାଏରୀ ପାଖାପାଖି ୨ଲକ୍ଷ ଲିଟର କ୍ଷୀର ଦେଇ ନିଜର ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ କୋଭିଡ୍ ସମୟରେ କେହି ଡାଏରୀ କମ୍ପାନୀମାନେ ଦୁଗ୍ଧ ନନେବା ଫଳରେ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହେଲେ । ସେମାନଙ୍କର ଜୀବନ ଜୀବିକା ବିପଦ ମୁହଁକୁ ଠେଲି ହୋଇଗଲା । ବାରମ୍ବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଚାଷୀମାନେ ପହଂଚି କ୍ଷତିପୂରଣ ଦେବାପାଇଁ ସହାୟତାର ହାତ ବଢ଼ାଇବାକୁ ନିବେଦନ କଲେ । ଦୁଗ୍ଧଚାଷୀମାନଙ୍କର ଏହି ଅସମୟରେ ମୁଖ୍ୟମନ୍ତ୍ରୀ ଆଗେଇଆସି ସେମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ୧୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିବା ଯୋଗୁଁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ତା'ର କୃତଜ୍ଞତା ଜ୍ଞାପନ କରୁଛୁ । ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଆଜିର ୨୪ ଲକ୍ଷ ଟନ୍‌ରୁ ୩୦ଲକ୍ଷ ଟନ୍‌କୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି । ରାଜ୍ୟର କୃଷି ଅର୍ଥନୀତିରେ ଦୁଗ୍ଧ ଉତ୍ପାଦନ ଗାଁଗହଳିର ବେକାର ଯୁବକ ଯୁବତୀଙ୍କର ଜୀବନ ଜୀବିକା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବିଶେଷତଃ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଦୁଗ୍ଧ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଦୁଗ୍ଧଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଗାମୀ ଦିନରେ ବ୍ୟାଙ୍କ ମାନଙ୍କୁ ପଦକ୍ଷେପ ନେବାକୁ କୃଷିମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି । ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ମାନ୍ୟବର କୃଷିମନ୍ତ୍ରୀଙ୍କୁ ମଧ କୋଭିଡ୍ ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ବାଗଡିହି ଷ୍ଟେସନରେ ଏକ୍ସପ୍ରେସ୍ ଟ୍ରେନ୍ ରହୁ: କେନ୍ଦ୍ର ରେଳମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପତ୍ର

ଭୁବନେଶ୍ୱର ,୬/୮ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ୍ ଅନ୍ତର୍ଗତ ବାଗଡିହି ରେଳ ଷ୍ଟେସନରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖିଛନ୍ତି । ଚିଠିରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ବାଗଡିହି ରେଳ ଷ୍ଟେସନରେ ଏକ୍ସପ୍ରେସ୍ ଟ୍ରେନ୍ ରହଣି ନେଇ ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଓ ବିଜେପି କିରମିରା ମଣ୍ଡଳ ସଭାପତି ବିଜୟ କୁମାର ଦୃଷ୍ଟି ତାଙ୍କର ଆକର୍ଷଣ କରିଛନ୍ତି । ବାଗଡିହି ରେଳ ଷ୍ଟେସନ କିରମିରା, ଲଇକେରା, କୋଲାବିରା ସମେତ ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତ ଗ୍ରାମକୁ ସଂଯୋଗ କରୁଛି ।

## ଗରିବ ଲୋକଙ୍କୁ ଘର ପାଇବାରୁ ବଂଚିତ ଲାଗି ବିଜେପି ଷଡଯନ୍ତ୍ର ଚଳାଇଛି: ବିଜେଡି

ଭୁବନେଶ୍ୱର,୬/୮ (ନି.ପ୍ର): ଓଡିଶାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଯୋଜନାରେ ଘର ପାଇବାରୁ ବଂଚିତ କରିବାପାଇଁ ବିଜେପିର ଷଡଯନ୍ତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ।

ରାଜ୍ୟ ବିଜେପି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ଇଏ ହେଉଛି ସେହି ସମାନ କେନ୍ଦ୍ର ସରକାର ଯିଏ ଗ୍ରାମାଂଚଳ ଗୃହ ନିର୍ମାଣ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡିଶାକୁ ପୁରସ୍କୃତ କରିଛି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ଗରିବ ଲୋକଙ୍କ ଅଧିକାରକୁ ନେଇ ବିଜେପି ରାଜନୀତି କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ପାଇବାରୁ ବଂଚିତ ଲାଗି ଷଡଯନ୍ତ୍ର କରୁଛି, ଯାହା କି ସେମାନଙ୍କର ଅଧିକାର ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

## ନିର୍ମାଣ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ

ଭୁବନେଶ୍ୱର,୬/୮ (ନି.ପ୍ର): ରାଜ୍ୟର ୨୫ ଲକ୍ଷ ୭୩ ହଜାର ୫୬୮ ପଂଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ କରୋନା ଦ୍ୱିତୀୟ ଲହରୀ ଦୃଷ୍ଟିରୁ ୧୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ୟାକେଜ୍ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଏଯାବତ୍ ୧୪ ଲକ୍ଷ ୧୬ ହଜାର ୫୮୪ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ କୋଭିଡ୍ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏ ବାବଦକୁ ସେମାନଙ୍କର ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରେ ମୋଟ ୨୧୨.୪୯ କୋଟି ଟଙ୍କା ଦିଆଯାଇଛି ।

ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ୱେବ୍‌ସାଇଟ୍ ଲିଙ୍କ୍‌ରେ ସେମାନଙ୍କର ଦେୟ ସ୍ଥିତି ଯାଂଚ କରିପାରିବେ ।

ଦେୟ ପ୍ରଦାନ ହୋଇନଥିଲେ ସେମାନେ ଏଠାରେ ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ୍ ଆକାଉଂଟ ମୋବାଇଲ୍ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ଯାଂଚ କରି ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।

ଏହି ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ହିତାଧିକାରୀମାନେ ସଂଯୋଗ ହେଲପ୍‌ଲାଇନ୍ ନମ୍ବର ୧୫୫୩୩୫ରେ ଯୋଗାଯୋଗ କରିବାକୁ ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଆଧାର ସହ ବ୍ୟାଙ୍କ ଖାତା ସଂଯୋଗ ହୋଇନଥିଲେ, ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଯଥାଶୀଘ୍ର ବ୍ୟାଙ୍କ ଯାଇ ନିଜ ଆଧାର ସହ ବ୍ୟାଙ୍କ୍ ଖାତାକୁ ଯୋଡ଼ି ଏହାକୁ ଡିବିଟି ସକ୍ଷମ କରାଇବା ଆବଶ୍ୟକ, ଯାହାକି ତାଙ୍କର ବ୍ୟାଙ୍କ ଖାତାକୁ ସିଧାସଳଖ ସ୍ୱତନ୍ତ୍ର କୋଭିଡ୍ ସହାୟତା ରାଶି ତୁରନ୍ତ ପଠାଇବାରେ ଖୁବ୍ ସହାୟକ ହେବ ବୋଲି ରାଜ୍ୟ ଶ୍ରମ କମିଶନରଙ୍କ ସୂତ୍ରରୁ ପ୍ରକାଶ ।

## ହକି ପିଲାଙ୍କ ଗହଣରେ ବିଜୟ ଉତ୍ସବ ପାଳିଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୬/୮ (ନି.ପ୍ର): ଭାରତୀୟ ପୁରୁଷ ହକି ଦଳ ଆଜି ଟୋକିଓ ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବା ପରେ କ୍ରୀଡ଼ା ଓ ଯୁବସେବା ତଥା ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଭାରତୀୟ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ହକି ପିଲାଙ୍କ ଗହଣରେ ଉତ୍ସବ ପାଳନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଓଡ଼ିଶା ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସମସ୍ତ ହକିପ୍ରେମୀମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଆଜି ମନ୍ତ୍ରୀ ଶ୍ରୀ ବେହେରା କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ହକି ହାଇପରଫର୍ମାନ୍ସ ସେଂଟର ପରିସରରେ ହକି ଖେଳାଳୀଙ୍କୁ ମିଠା ଖୁଆଇବା ସହ ଅଲିମ୍ପିକ୍ ବିଜୟର ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା କହିଲେ ଯେ ଭାରତୀୟ ପୁରୁଷ ହକି ଦଳ ଆଜି ନିଜର ଅଦମ୍ୟ ପରାକାଷ୍ଠା ସହ ଦୀର୍ଘ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ହାସଲ କରିଛି । ଆଜିର ଦିନ ସମଗ୍ର କ୍ରୀଡ଼ା ଇତିହାସରେ ଏକ ଗୌରବମୟ ଦିନ ହୋଇ ରହିବା ସହ ଆଗାମୀ ପିଢ଼ିର ଖେଳାଳୀମାନଙ୍କୁ ବେଶ୍ ପ୍ରେରଣା ଯୋଗାଇବ । ଆସନ୍ତାକାଲି ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ପାଇଁ ଖେଳିବାକୁ ଯାଉଥିବାବେଳେ ଆଜିର ଉତ୍ସାହ ସେମାନଙ୍କୁ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି । ବିଗତ ୮-୧୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରୀଡ଼ା ପ୍ରତି ଭଲପାଇବା ଏବଂ କ୍ରୀଡ଼ା ଭିତିଭୂମିର ବିକାଶ ପାଇଁ ତାଙ୍କ ପ୍ରତିବଦ୍ଧତା ଆଜି ଆମକୁ ସଫଳତାର ସୋପାନରେ ପହଂଚାଇପାରିଛି । ମୁଖ୍ୟମନ୍ତ୍ରୀ ଭାରତର ପୁରୁଷ ଓ ମହିଳା ହକି ଦଳକୁ ୫ ବର୍ଷ ପାଇଁ ପ୍ରାୟୋଜନ କରିବା ପାଇଁ ଯେଉଁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଆମେ ତାକୁ ପାଳନ କରିଆସୁଛୁ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ଭାରତୀୟ ପୁରୁଷ ହକି ଦଳ ଆଜି ଯେଉଁ ଅଭୂତପୂର୍ବ ବିଜୟ ହାସଲ କଲେ ତାହା ବର୍ତ୍ତମାନର କ୍ରୀଡ଼ାବିତ୍‌ଙ୍କୁ ବେଶ୍ ପ୍ରେରଣା ଯୋଗାଇବ । ଏହି ପରିପ୍ରେକ୍ଷୀରେ ଆଗାମୀ ପିଢ଼ିର ଖେଳାଳୀମାନଙ୍କ ଲାଗି ଆମ ସରକାର ସ୍ପୋନର୍ସସିପ୍ ସହ କ୍ରୀଡ଼ା ଭିତିଭୂମି ପ୍ରତିଷ୍ଠା, ହାଇ ପରଫର୍ମାନ୍ସ ସେଂଟର ଏବଂ ତୃଣମୂଳ ସ୍ତରରୁ କୋଚିଂ ପ୍ରଦାନ ଲାଗି ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ନିଶ୍ଚିତ ଭାବେ ଫଳପ୍ରଦ ହେବ । ଆମର ଦୃଢ଼ ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଶାରେ ବହୁତ ଭଲ ଖେଳାଳୀ ସୃଷ୍ଟି କରି ଆମ ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଭାରତୀୟ ଦଳର ସମସ୍ତ ଖେଳାଳୀ, କୋଚ, ଅଫିସିଆଲ, ହକି ଇଣ୍ଡିଆ, ଅନ୍ତର୍ଜାତୀୟ ହକି ଫେଡେରେସନ୍‌ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଟୋକିଓ ମାଟିରେ ଭାରତୀୟ ବିଜୟ ପତାକା ଉଡ଼ାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## କୋଭିଡ୍ ପ୍ରଭାବିତ ଶିଶୁମାନଙ୍କ ପାଇଁ ସମ୍ପର୍କ ହେଲ୍ପଡେସ୍କର ଶୁଭାରମ୍ଭ

ଭୁବନେଶ୍ୱର, ୦୫ ଅଗଷ୍ଟ (ହି.ସ.) – ବିଗତ ଦିନମାନଙ୍କରେ କୋଭିଡ୍-୧୯ ମହାମାରୀ ସମଗ୍ର ବିଶ୍ୱରେ ମାନବସମାଜକୁ ଭୀଷଣ ଭାବରେ କ୍ଷତିଗ୍ରସ୍ତ କରିଛି । ଏହାର ଗଭୀର ପ୍ରଭାବ ଶିଶୁମାନଙ୍କ ଉପରେ ମଧ୍ୟ ପଡ଼ିଛି । ଶିଶୁମାନଙ୍କୁ ସେମାନଙ୍କର ଅଧିକାର ତଥା ଆବଶ୍ୟକତା ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ସୁରକ୍ଷା, ସାଙ୍ଗସାଥୀ- ପରିବାର ପରିଜନ ଆଦିଙ୍କ ସହିତ ଭାବ ବିନିମୟରେ ମଧ୍ୟ ବ୍ୟାଘାତ ସୃଷ୍ଟି କରିଛି । ଏହି ମହାମାରୀର ଦୁଇଟି ଲହରକୁ ଆମେ ସମ୍ମୁଖୀନ ହୋଇ ସାରିଥିଲାବେଳେ ପୁନଶ୍ଚ ତୃତୀୟ ଲହର ଆସିପାରେ ଏବଂ ଏହା ବିଶେଷ କରି ଶିଶୁମାନଙ୍କୁ ଅଧିକ କ୍ଷତିଗ୍ରସ୍ତ କରିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି । ତେଣୁ ଆମ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା, ସେମାନଙ୍କ ମାନସିକ ଓ ସାମାଜିକ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୟୁନିସେଫ୍‌ର ମିଳିତ ସହଯୋଗରେ ଶିଶୁମାନଙ୍କ ପାଇଁ ସମ୍ପର୍କ ହେଲ୍ପଡେସ୍କ ଶୁଭାରମ୍ଭ କରିଛନ୍ତି । ଏହା ନିଶ୍ଚିତ ଭାବରେ ରାଜ୍ୟର ଶିଶୁମାନଙ୍କ ମନୋବଳ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହେବ ବୋଲି ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ମତବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନରେ ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ହେଲ୍ପଲାଇନ୍ ଏବଂ ପ୍ରଚାର ପୁସ୍ତିକାର ଲୋକାର୍ପଣ କରି ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ମହାମାରୀ କାଳରେ ଶିଶୁମାନଙ୍କୁ ଉପଯୁକ୍ତ ମାନସିକ ପରାମର୍ଶ ପାଇଁ ଏକ ପୁସ୍ତିକା ପ୍ରକାଶ ସହିତ ସେବା ପ୍ରଦାନକାରୀମାନଙ୍କୁ ତାଲିମ ଦିଆଯାଇଛି । ତେବେ ଏହି ପରିସ୍ଥିତିରେ ଅଧିକରୁ ଅଧିକ ଶିଶୁମାନଙ୍କୁ ତ୍ୱରିତ ମାନସିକ ପରାମର୍ଶ ପ୍ରଦାନ ଏକ ଜରୁରୀ ଆବଶ୍ୟକତା ଅଟେ । ଏତଦ୍‌ବ୍ୟତୀତ କୋଭିଡ୍ କାଳରେ କ୍ଷତିଗ୍ରସ୍ତ ଏବଂ କୋଭିଡ୍ ପରବର୍ତ୍ତୀ କଠିନ ସ୍ଥିତିରେ ସମ୍ମୁଖୀନ ହେଉଥିବା ଶିଶୁମାନଙ୍କୁ ସେମାନଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥା ଓ ସହାୟତା ସମ୍ପର୍କରେ ଉପଯୁକ୍ତ ସୂଚନା ପ୍ରଦାନର ମଧ୍ୟ ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଆଜି ସମ୍ପର୍କ ହେଲ୍ପଡେସ୍କର ଶୁଭାରମ୍ଭ ହେଉଛି । ଏହି ହେଲ୍ପଡେସ୍କର ବ୍ୟାପକ ପ୍ରସାର ସହିତ ଏହା ଅଧିକରୁ ଅଧିକ ଶିଶୁମାନଙ୍କୁ ସାମାଜିକ-ମନସ୍ତାତ୍ୱିକ ପରାମର୍ଶ ପ୍ରଦାନ ସହିତ ଶିଶୁମାନଙ୍କୁ ସରକାରୀ ବ୍ୟବସ୍ଥାରେ ଉପଲବ୍ଧ ସହାୟତା ହାସଲ କରାଇବାରେ ସହାୟକ ହେବ । ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଦା କହିଲେ, ମହାମାରୀ କାଳରେ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ରାଜ୍ୟ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ନିଜର ପିତାମାତା ଅବା ରୋଜଗାରକ୍ଷମ ଅଭିଭାବକମାନଙ୍କୁ ହରାଇଥିବା ପିଲାମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ଯୋଜନାର ପ୍ରଚଳନ କରିଛନ୍ତି । ବିଭାଗ ପକ୍ଷରୁ ୧୦୯୮-ଚାଇଲ୍ଡଲାଇନ୍, ୧୦୪-ରାଜ୍ୟ କୋଭିଡ୍ ହେଲ୍ପଲାଇନ୍‌କୁ ଜନାଦୃତ କରାଇବା ସହ ପ୍ରତ୍ୟେକ ଶିଶୁଙ୍କ ନିକଟରେ ପହଂଚାଇବା ନିମନ୍ତେ ପ୍ରୟାସ କରାଯାଉଛି । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସେବା ଓ ସହାୟତା ଯୋଗାଇଦେବା ଦିଗରେ ଟେଲି ଯୋଗାଯୋଗ ପାଇଁ ବୈଷୟିକ ଜ୍ଞାନ ପ୍ରୟୋଗ କରି ଏହି ଉତ୍ସର୍ଗୀକୃତ ହେଲ୍ପଲାଇନ୍ ସମ୍ପର୍କକୁ ବ୍ୟାପକ ଏବଂ କ୍ରିୟାଶୀଳ କରାଯିବ । ଏହାଦ୍ୱାରା ରାଜ୍ୟର ପ୍ରତ୍ୟେକ କୋଣ-ଅନୁକୋଣରୁ ଶିଶୁମାନେ ଉପକୃତ ହୋଇପାରିବେ । ୟୁନିସେଫ୍, ଓଡ଼ିଶାର ମୁଖ୍ୟ କ୍ଷେତ୍ର ଅଧିକାରୀ ଡ. ମୋନିକା ନିଲେସନ୍ କହିଥିଲେ କୋଭିଡ୍ ସମୟରେ ଶିଶୁମାନଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ବହୁବିଧ କୌଶଳରେ ୟୁନିସେଫ୍ ସହଯୋଗ କରିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରିରହିବ । ପ୍ରାରମ୍ଭରେ ନିର୍ଦ୍ଦେଶକ ସମନ୍ୱିତ ଶିଶୁ ବିକାଶ ତଥା ନିର୍ଦ୍ଦେଶକ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଡ. ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ହେଲ୍ପଡେସ୍କର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଅଗଷ୍ଟରୁ ପୁଣି ଆରମ୍ଭ ହେବ 'ଆଜାଦୀ କା ଅମୃତ ଉତ୍ସବ'

ଭୁବନେଶ୍ୱର,୬/୮ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ 'ଆଜାଦୀ କା ଅମୃତ ଉତ୍ସବ' ପାଳନ ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗୀୟ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଉପସ୍ଥିତ ରହି ଏହି ଉତ୍ସବ ଓଡ଼ିଶା ସାରା ଗାଁରୁ ସହର ଓ ସରକାରଙ୍କର ଅନ୍ୟ ବିଭାଗଗୁଡ଼ିକ ସହ ମିଳିତ ଭାବେ ପାଳନ ପାଇଁ ଆଲୋଚନା ହୋଇଥିଲା । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୨ ପର୍ଯ୍ୟନ୍ତ ପାଳନ ପାଇଁ ଭାରତ ସରକାରଙ୍କ ଧାର୍ଯ୍ୟ ତାରିଖ ଅନୁସାରେ ଓଡ଼ିଶା ସରକାର ମାର୍ଚ୍ଚ ୨୦୨୧ରୁ ଏହି ଉତ୍ସବକୁ ପାଳନ କରି ଆସୁଛନ୍ତି । ପୁନର୍ବାର ଅଗଷ୍ଟ ମାସରୁ 'ଆଜାଦୀ କା ଅମୃତ ଉତ୍ସବ' ପାଳନ ପାଇଁ ସ୍ଥିର ହୋଇଛି । ଏଥିରେ ଓଡ଼ିଆ ଭାଷା, ସାହିତସ୍କୃତି ବିଭାଗ ଓ ସଂସ୍କୃତି ବିଭାଗ ସମେତ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଓ ଅନ୍ୟ ବିଭାଗ ମିଳିତ ଭାବେ ଏହି ଉତ୍ସବକୁ ପାଳନ କରିବା ପାଇଁ ଆଲୋଚନା ହୋଇଛି । ଗାଁରୁ ସହର, ପଲ୍ଲୀରୁ ରାଜଧାନୀ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ ଉଦ୍ଦେଶ୍ୟରେ ବ୍ୟାପକ ଆଲୋଚନା ସଂସ୍କୃତି ବିଭାଗ ଦ୍ୱାରା କରାଯାଇଛି ।

## ଚୈତନ୍ୟ ମହାପ୍ରଭୁ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଚୈତନ୍ୟ ପୁରୀଠାରୁ ଦକ୍ଷିଣ ଭାରତକୁ ତୀର୍ଥାଟନରେ ଯାଇ ଅନେକ ସ୍ଥାନରେ ନିଜର ମତ ପ୍ରଚାର କରିଥିଲେ ।

ରହସ୍ୟମୟ ଠାକୁରଙ୍କ ରହସ୍ୟଭରା ଦେହାବସାନ: ଚେତନ୍ୟ ମହାପ୍ରଭୁଙ୍କ ମହାପ୍ରୟାଣ ପୁରୀ ଶ୍ରୀକ୍ଷେତ୍ରରେ ୧୪ ଜୁନ ୧୫୩୪ ମସିହାରେ ହୋଇଥିଲା । ସେତେବେଳକୁ ତାଙ୍କୁ ମାତ୍ର ୪୮ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁକାହାଣୀକୁ ନେଇ ଅନେକ କିମ୍ବଦନ୍ତୀ ସୃଷ୍ଟି ହୋଇଛି । ତାଙ୍କ ଶିଷ୍ୟମାନେ ହୁଏତ କିଛି କଳ୍ପିତ କାହାଣୀ ତାଙ୍କ ମହିମା ପ୍ରଚାର ପାଇଁ ସୃଷ୍ଟି କରିଛନ୍ତି । ତାଙ୍କ ମୃତଶରୀର ମିଳିନଥିଲା, ତାଙ୍କ ସମାଧି ମଧ୍ୟ ନାହିଁ । କିଛି କୁହନ୍ତି ରଥଯାତ୍ରା ବେଳେ ତାଙ୍କ ଗୋଡରେ ଆଘାତ ହୋଇ ପରେ ତାହା ବିଷାକ୍ତ ହୋଇ ଯାଇଥିଲା । ଭକ୍ତମାନେ ତାଙ୍କୁ ତୋଟା ଗୋପିନାଥ ମନ୍ଦିରକୁ ନେଇଗଲେ ଓ ସେଠାରେ ତାଙ୍କର ମୃତ୍ୟୁ ହେଲା । ଅନ୍ୟ ଏକ ମତ ଶ୍ରୀମନ୍ଦିର ଦର୍ଶନ କଲା ବେଳେ ହଟାତ ତାଙ୍କର ମୃତ୍ୟୁ ହେଲା । ସେବାୟତମାନେ ଦେଉଳ ଦ୍ୱାର ବନ୍ଦ କରି ତାଙ୍କ ଶରୀରକୁ ଚଟାଣଖୋଳି ପୋତିଦେଲେ ଓ ପ୍ରଚାରକଲେ ହଠାତ ଏକ ଜ୍ୟୋତି ଚୈତନ୍ୟଙ୍କ ଦେହରୁ ବାହାରି ଜଗନ୍ନାଥଙ୍କ ଦେହରେ ଲୀନ ହୋଇଗଲା । ସେ ଉଭେଇ ଗଲେ । କେତେକ କୁହନ୍ତି କାହାକୁ କିଛି ନକହି ସେ ପୁରୀରୁ କୁଆଡେ ଉଭାନ ହୋଇଗଲେ । କିଛି କୁହନ୍ତି ସାଗର କୂଳରେ ବୁଲୁବୁଲୁ ସେ ଭାବାଛନ୍ନ ହୋଇ ସାଗରକୁ ଯମୁନାନଦୀ କହି "ହା କୃଷ୍ଣ" କହି ସାଗରରେ ଝାସଦେଲେ ଓ ତାଙ୍କୁ କିଏ ଦେଖିଲେ ନାହିଁ । ଏହିଭଳି ନାନା ରହସ୍ୟ ମଝିରେ ତାଙ୍କ ମୃତ୍ୟୁ ଘଟଣା ଛନ୍ଦି ହୋଇଗଲା ।

ତାଙ୍କର ପନ୍ଥା ଗ୍ରହଣ କରିଥିବା ବ୍ୟକ୍ତିମାନେ ବଇଶିମ ବୋଲି ପରିଚିତ ହୋଇ ବହୁସଂଖ୍ୟାରେ ଓଡିଶାର ଗାଁ ଗଣ୍ଡାରେ ରୁହନ୍ତି । ସେମାନେ ଜାତି ମାନନ୍ତି ନାହିଁ । ନିଜର ଜାତି ଲୁଚାଇବା ପାଇଁ ଦାସ ସଂଜ୍ଞା ଗ୍ରହଣ କରନ୍ତି । ସେଥିପାଇଁ ଢଗଟିଏ ଅଛି, 'ବାର ଜାତି ତେର ଗୋଲା, ବଇଶିମ ହେଲେ ଜାତି ଗଲା" ।

ନିତାଇ ଗୌରାଙ୍ଗ ଚୈତନ ବା ଗୌରାଙ୍ଗଙ୍କ ନାମ ସହ ନିତ୍ୟାନନ୍ଦ ମହାପ୍ରଭୁଙ୍କ ନାମ ଯୋଡା ଯାଇଛି । କୁହାଯାଏ ନିତାଇ ତାଙ୍କର ଅନ୍ତରଙ୍ଗ ସହଯୋଗୀ ଓ ନୃତ୍ୟ ସାଥୀ ଥିଲେ । ଧର୍ମ ପ୍ରଚାରରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ଭକ୍ତମାନେ ଗୌରାଙ୍ଗଙ୍କୁ ଶ୍ରୀକୃଷ୍ଣ ଓ ନିତାଇଙ୍କୁ ବଳରାମ ଅବତାର ବୋଲି ଗ୍ରହଣ କରନ୍ତି ।

କଳି ଯୁଗରେ ସଂସାର ଯେତେବେଳେ ପାପର ଅତଳ ସାଗରରେ ମଗ୍ନ ହୋଇ ପଡିଛି, ଜପ, ତପ ଯାଗ, ଯଜ୍ଞ ସବୁ ବିନିଷ୍ଟ ହୋଇଯାଇଛି; ଚୈତନ୍ୟଙ୍କ ସରଳ ମହାମନ୍ତ୍ର: ନିତାଇ ଗୌର ରାଧେ ଶ୍ୟାମ, ହରେ କୃଷ୍ଣ ହରେ ନାମ, କିର୍ତ୍ତନ ମୁକ୍ତିର ମାର୍ଗ ଦର୍ଶାଉଅଛି । ଆଜି ଇସକନ ସଂସ୍ଥା ଦ୍ୱାରା ଚୈତନଙ୍କ ମହାମନ୍ତ୍ର ବିଶ୍ୱରେ ପ୍ରଚାରିତ ହୋଇଛି । ଶ୍ରୀମଦ ପ୍ରଭୁପାଦ ସ୍ୱାମୀ ମହାରାଜ ଏହାକୁ ବିଶ୍ୱବ୍ୟାପି ଆଦୃତ କରାଇଛନ୍ତି, ତାହା ସହିତ ଜଗନ୍ନାଥ ଧର୍ମ ମଧ୍ୟ । ଅନେକ ପାଶ୍ଚାତ୍ୟ ଭକ୍ତ ଅଳିକ ସଂସାରରୁ ମୁକ୍ତି ପାଇଁ ଭଜନ କୀର୍ତ୍ତନ ମାଧ୍ୟମରେ ମାନସିକ ଶାନ୍ତି ପାଉଛନ୍ତି ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

## ବାଲେଶ୍ୱର କର୍ମକର୍ତ୍ତାଙ୍କୁ 'ମାରୱାଡ଼ି ମହିଳା ସମ୍ମେଳନ'ରାଷ୍ଟ୍ରୀୟ ଅଧ୍ୟକ୍ଷାଙ୍କ ସମାଜସେବା ମନ୍ତ୍ର

ବାଲେଶ୍ୱର,୦୬/୦୮ (ନି.ପ୍ର): 'ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ'ର ରାଷ୍ଟ୍ରୀୟ ଅଧ୍ୟକ୍ଷା ଶାରଦା ଲୋଖାଟିଆ ଓ ରାଷ୍ଟ୍ରୀୟ ସମ୍ପାଦିକା ରେଖା ଲୋଖାଟିଆଙ୍କୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବାଲେଶ୍ୱର ଶାଖା ପରିଦର୍ଶନ ସହ ସମାଜସେବ କ୍ଷେତ୍ରରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କୁ ସମାଜସେବାର ମନ୍ତ୍ର ଦେଇଛନ୍ତି । ସମାଜର ଅବହେଳିତ ବର୍ଗଙ୍କୁ ସେବା ପ୍ରଦାନ ପାଇଁ ମାରୱାଡି ମହିଳାମାନେ ନିଜକୁ କିପରି ନିୟୋଜିତ କରିପାରିବେ ସେ ସମ୍ପର୍କରେ ସଠିକ ମାର୍ଗଦର୍ଶନ ଦେଇଛନ୍ତି ଅଧ୍ୟକ୍ଷା ଶ୍ରୀମତୀ ଲୋଖାଟିଆ କହିଥିଲେ । ଦେଶରେ ପରିଚାଳିତ ସଂଗଠନର ଶାଖାଗୁଡିକ କେତେ ମାତ୍ରାରେ ସଫଳ ହୋଇଛନ୍ତି ତାହାକୁ ରାଷ୍ଟ୍ରୀୟ ପରିଷଦ ପ୍ରତ୍ୟେକ ବର୍ଷ ଅନୁଧ୍ୟାନ କରିଥାଏ । ବିଶେଷ କରି ସାମାଜିକ ସମସ୍ୟା ସମାଧାନ ଦିଗରେ ଜନଜାଗରଣ, ମହିଳା ସଶକ୍ତୀକରଣ, ବାଲ ବିକାଶ, ଗୋ ସେବା ଓ ପରିବେଶ ସୁରକ୍ଷା, ଜଳ ଓ ଶକ୍ତି ସଂରକ୍ଷଣ, ରକ୍ତଦାନ ଓ ଅଙ୍ଗଦାନ ଅଭିଯାନ ଚଳାଇ ମାରୱାଡି ମହିଳା ସମ୍ମେଳନ ସମ୍ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି ଅଧ୍ୟକ୍ଷା ଶ୍ରୀମତୀ ଲୋଖାଟିଆ ପ୍ରକାଶ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ସମ୍ପାଦିକା ରେଖା ଲୋଖାଟିଆ ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ଅଞ୍ଜୁ ସରାୱଗୀ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆୟୋଜିତ ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷା ଓ ରାଷ୍ଟ୍ରୀୟ ସମ୍ପାଦିକା ଉପସ୍ଥିତ ସଂଗଠନର ସମସ୍ୟାମାନଙ୍କୁ ସମାଜସେବା କ୍ଷେତ୍ରରେ ସଫଳତା ପ୍ରାପ୍ତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ମାରୱାଡି ମହିଳା ସମ୍ମେଳନର ସଭାନେତ୍ରୀ ନିଶା ମୋଦି, ସମ୍ପାଦିକା ପ୍ରୀତି ଖଣ୍ଡେଲୱାଲ, ମଞ୍ଜୁ ଭର୍ତ୍ତିଆ, ସୋନାଲ ମୋଦି, ମନିଷା ମୋଦି, ପ୍ରିୟା ଅଗ୍ରୱାଲ, ଅଲକା ଅଗ୍ରୱାଲ, ଦର୍ଶନା ସରାଓଗୀ, ରଚନା ମୋର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରଙ୍ଗେଇଲୁଣ୍ଡା ଓ ଜୟପୁରରୁ ....

କିଛି ସମସ୍ୟା ରହିଛି । ତଥାପି ଜମି ଅଧିଗ୍ରହଣ କାମ ସରିଗଲାଣି । ୨୦୨୪ରୁ ୨୫ ଭିତରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଛଡ଼ା ଅନ୍ୟ ରେଳ ପ୍ରକଳ୍ପ ନେଇ ଭାରତ ସରକାରଙ୍କ ରେଳ ବିଭାଗ ସହିତ ଆଲୋଚନା କରାଯାଉଛି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ସମସ୍ୟା ରହିବନି । ସେପ୍ଟେମ୍ବର ମାସରେ ଜମି ଅଧିଗ୍ରହଣର ଷ୍ଟାଟସ ରିପୋର୍ଟ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେବେ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ବସିଥିଲା । ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ରେଳ ପ୍ରକଳ୍ପର ସମସ୍ୟା ନେଇ ଆଲୋଚନା ହୋଇଛି । ଯେଉଁଠି ଯେଉଁଠି ଜମି ଅଧିଗ୍ରହଣ ସମସ୍ୟା ରହିଛି, ତାକୁ ସମାଧାନ କରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଠି ଆର୍ଥିକ ସମସ୍ୟା ଦେଖାଯାଉଛି, ତାକୁ ମଧ ତ୍ୱରାନ୍ୱିତ କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଭାଗୀତାରେ ଅଧା ଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ।

### ବିରୋଧୀ ଦଳର ନେତାମାନଙ୍କୁ ....

କିନ୍ତୁ ସେମାନେ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ କରୁଥିବା କହିଛନ୍ତି । ଯନ୍ତରମନ୍ତର ଯିବା ପୂର୍ବରୁ ସଂସଦ ଗୃହରେ ୧୪ଟି ବିରୋଧୀ ଦଳର ନେତାମାନେ ଏକାଠି ହୋଇଥିଲେ । ଏଥିରେ କଂଗ୍ରେସ, ଡିଏମକେ, ଟିଏମସି, ଏନସିପି, ଶିବସେନା, ଆରଜେଡି, ସପା, ସିପିଆଇଏମ, ଆପ, ସିପିଆଇ, ଆଇୟୁଏମଏଲ, ଆରଏସପି, ଏନସି ଓ ଏଲଜେଡି ପ୍ରମୁଖ ଦଳର ସଦସ୍ୟମାନେ ରହିଥିଲେ । ବୈଠକରେ ସମସ୍ତେ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ । ଏହାପରେ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ମଧ୍ୟାହ୍ନ ୧୨.୩୦ରେ ଗୋଟିଏ ବସ୍ ?ରେ ଆପ୍, ଟିଏମସି ଓ ବିଏସପିକୁ ଛାଡ଼ି ଆଉ ସବୁ ଦଳର ନେତା ଯନ୍ତରମନ୍ତର ଯାଇଥିଲେ । ସେଠାରେ ଚାଷୀମାନେ ଆୟୋଜନ କରୁଥିବା କିଷାନ ସଂସଦରେ ଯୋଗଦେଇଥିଲେ ।

### ବିରଞ୍ଚିଙ୍କ ଘରୁ ମିଳିଥିବା ୧୧୪ଟି ....

ପିଲାମାନଙ୍କ ସହ ଡିଲ କରି ବଡ ଧରଣର ଦୁର୍ନୀତି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ କି ବିରଞ୍ଚି ? ଏପଟେ ଜୀବନବୀମା ଏଜେଣ୍ଟ ଭାବେ କାମ କରୁଥିବା ବିରଞ୍ଚିଙ୍କ ପତ୍ନୀ, ୨୧ ଜଣ ଚାକିରି ଆଶାୟୀଙ୍କଠାରୁ ଜୀବନବୀମା କରିଥିବା ସୂଚନା ଦେଇଛନ୍ତି ଏସପି । ବିରଞ୍ଚି ସାହୁ ଗିରଫ ହେବା ଦିନଠାରୁ ଓଏସଏସସିର ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠୁଛି । ଠିକ୍ ଏତିକି ବେଳେ ଦୁର୍ନୀତିରେ କେବଳ ପିଏସ ନୁହେଁ କମିଶନଙ୍କ ସମସ୍ତ ସଦସ୍ୟ ସମ୍ପୃକ୍ତ ଅଛନ୍ତି ବୋଲି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ଅଭିଯୋଗ କରିଛନ୍ତି । କମିଶନ ନିଜ ଆଡୁ ଭିଜିଲାନ୍ସ ତଦନ୍ତର ସମ୍ମୁଖୀନ ହୁଅନ୍ତୁ ବୋଲି ସେ ଦାବି କରିଛନ୍ତି । ଆଉ ଏସବୁ ଭିତରେ କିନ୍ତୁ ଓଏସଏସସିର ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି ।

### ଶକ୍ତି ବିଭାଗର ୯ଟି ଅନଲାଇନ୍ ସେବାର ....

ମୁକ୍ତ ସେବା ଯୋଗାଇବା ତାଙ୍କ ସରକାରଙ୍କ ସର୍ବଦା ପ୍ରାଥମିକତା ଅଟେ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ଆଣିବାକୁ ଆମେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏହି ଅନଲାଇନ୍ ସେବା ଆମ ରାଜ୍ୟର କୁଶଳୀ ବୈଦ୍ୟୁତିକ କର୍ମଜୀବୀ ବ୍ୟତୀତ ଶିଳ୍ପ, ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଲାଭଦାୟକ ହେବ ।

## ୪୩ଲିଟର ମହୁଲି ମଦ ଜବତ ସହ ୨ ଗିରଫ

ନୀଳଗିରି,୦୬/୦୮ (ନି.ପ୍ର): ନୀଳଗିର ଅବକାରୀ ବିଭାଗ ଇନିସପେକ୍ଟର ନାରାୟଣ ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନର ଚଢ଼ାଉ କରି ୪୩ଲିଟର ମହୁଲି ମଦ ଜବତ କରିବା ସହ ୨ଜଣକୁ ଗିରଫ କରିଛନ୍ତି । ସୂଚନା ଅନୁଯାୟୀ ଭଉଁରିଆବାଡ଼ ପଞ୍ଚାୟତର ଜଡ଼ିବାଲି ଗ୍ରାମର ଚିତ୍ତରଂଜନ ବେହେରା (୫୪)ଙ୍କ ଠାରୁ ୧୮ଲିଟର, ସଜନାଗଡ଼ ପଞ୍ଚାୟତର ଭୋଳାଗଡ଼ିଆ ଗ୍ରାମର ନାରଣ ମୁର୍ମୁ (୨୮) ଙ୍କ ଠାରୁ ୨୫ଲିଟର ମହୁଲି ମଦ ଜବତ କରିବା ସହ ଏଥିରେ ସାମିଲ ଦୁଇ ଜଣ ଅଭିଯୁକ୍ତଙ୍କୁ ଗରିଫ କରିଛନ୍ତି । ଏହି ଚଢ଼ାଉରେ ଅବକାରୀ ଓ.ଆଇ.ସି. ଜୟନ୍ତୀ ଆଚାର୍ଯ୍ୟ, କନେଷ୍ଟବଳ ପ୍ରହ୍ଲାଦ ବିଶ୍ୱାଳ, ଦେବାଶିଷ ମଲିକ, ପିଙ୍କି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

## ନକଲି କୋଭିଡ଼ ମେଡ଼ିସିନ୍ କାରବାର ମାମଲାର ତଦନ୍ତ କରିବ ଇଡି

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜ୍ୟରେ ନକଲି କୋଭିଡ଼ ମେଡ଼ିସିନ୍ ଜବତ ଘଟଣାର ତଦନ୍ତ କରିବ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡ଼ି) । ଇଡି ବେଆଇନ ଅର୍ଥ କାରବାରର ତଦନ୍ତ କରିବ । ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂରେ ମାମଲା ରୁଜୁ କରିଛି ଇଡ଼ି । କିଛି ମାସ ତଳେ ମୁଖ୍ୟ ଅଭିଯୁକ୍ତ ତଥା ମେଡିଲଏଡ ମେଡିକାମେଂଟ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶିବ ଜେନାକୁ ଗିରଫ କରିଥିଲା କ୍ରାଇମବ୍ରାଂଚ ଏସଟିଏଫ । ଅଭିଯୋଗ ଓ ପ୍ରମାଣ ଆଧାରରେ ଶିବଙ୍କ ପତ୍ନୀ ତଥା ମେଡିଲଏଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଓ କମ୍ପାନି ଅନ୍ୟ ଦୁଇ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା । ଗୋଟିଏ ଷ୍ଟ୍ରିପ୍ ଫାଭି-ମାକ୍ସ ଔଷଧକୁ ମାତ୍ର ୬୫ ଟଙ୍କାରେ କିଣି ୧୨୯୦ ଟଙ୍କାରେ ଓଡିଶାରେ ବିକ୍ରି କରିବାକୁ ଯୋଜନା କରିଥିଲା ମେଡିଲଏଡ କମ୍ପାନି ।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଇସିଆଇସିଆଇ ବ୍ୟାଙ୍କ ଫାଉଣ୍ଡେସନ ପକ୍ଷରୁ ୧୮ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ




ବାରିପଦା,୦୬/୦୮ (ନି.ପ୍ର): ରାଜ୍ୟ ଆଇସିଆଇସିଆଇ ବ୍ୟାଙ୍କ ଫାଉଣ୍ଡେସନ ପକ୍ଷରୁ ୧୮ଟି ଅକ୍ସିଜେନ କନସେନଟ୍ରେଟର ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ଜରିଆରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ କୋଭିଡ ୧୯ ର ଜରୁରୀକାଳୀନ ଚିକିତ୍ସା ପାଇଁ ପ୍ରଦାନ କରାଯାଇଛି । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାରର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ. ଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ରଙ୍କୁ ଆଇସିଆଇସିଆଇ ବ୍ୟାଙ୍କର ଆଂଚଳିକ ମୁଖ୍ୟ, ବାଲେଶ୍ୱର ମାନସ ଶାହା, ରିଜିଓନାଲ ହେଡ (ଗଭମେଣ୍ଟ ବ୍ୟାଙ୍କିଙ୍ଗ) (ସେଲ୍ସ) ମନୋଜ ଦାସ, ଗଭମେଣ୍ଟ ବ୍ୟାଙ୍କିଙ୍ଗ ଇନଚାର୍ଜର ଶୁଭ୍ରଜିତ ମହାନ୍ତି, ବାରିପଦା, ମୟୂରଭଞ୍ଜ ଜିଲ୍ଲା ଶାଖା ପରିଚାଳକ ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗଦେଇ ୧୮ଟି ଅକ୍ସିଜେନ କନସେନଟ୍ରେଟର ଗୁଡିକୁ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ, କୋଭିଡ ଜରୁରୀ ସ୍ୱାସ୍ଥ୍ୟ ସେବାରେ ଅକ୍ସିଜେନର କନସେନଟ୍ରେଟର ବିଶେଷ ସହାୟକ ହୋଇପାରିବ । ଆଇସିଆଇସିଆଇ ବ୍ୟାଙ୍କ ଫାଉଣ୍ଡେସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଏହି ଅକ୍ସିଜେନ କନସେନଟ୍ରେଟର ସହାୟତା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ବ୍ୟାଙ୍କ କର୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ - ଶାଳିମାର ମଧ୍ୟରେ ଚାଲିବ ଚାରି ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ପୁରୀ ଏବଂ ଶାଲିମାର ମଧ୍ୟରେ ଚାରି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ଚାରି ଯୋଡ଼ା ମଧ୍ୟରୁ ଗୋଟିଏ ଦ୍ୱି-ସାପ୍ତାହିକ ଗରିବ ରଥ ସ୍ୱତନ୍ତ୍ର ଟ୍ରେନ ଏବଂ ତିନିଟି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ । ୦୮୪୬୬/୦୮୪୬୫ ପୁରୀ-ଶାଲିମାର-ପୁରୀ ଗରିବ ରଥ ସ୍ପେଶାଲ ଟ୍ରେନ ଅଗଷ୍ଟ ମାସ ୧୧ ତାରିଖରୁ ପୁରୀ ଠାରୁ ପ୍ରତ୍ୟେକ ସୋମବାର ଏବଂ ବୁଧବାର ଦିନ ଏବଂ ଅଗଷ୍ଟ ମାସ ୧୨ ତାରିଖରୁ ଶାଲିମାର ଠାରୁ ପ୍ରତ୍ୟେକ ମଙ୍ଗଳବାର ଏବଂ ଗୁରୁବାର ଦିନ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୪୬୮/୦୮୪୬୭ ପୁରୀ-ଶାଲିମାର-ପୁରୀ ସାପ୍ତାହିକ ସ୍ପେଶାଲ ଅଗଷ୍ଟ ମାସ ୧୫ ତାରିଖ ଠାରୁ ପ୍ରତି ରବିବାର ଦିନ ପୁରୀ ରୁ ଏବଂ ଅଗଷ୍ଟ ମାସ ୧୬ ତାରିଖ ଠାରୁ ଶାଲୀମାର ଠାରୁ ପ୍ରତି ସୋମବାର ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୪୭୦/୦୮୪୬୯ ପୁରୀ-ଶାଲିମାର-ପୁରୀ ସାପ୍ତାହିକ ସ୍ପେଶାଲ ଅଗଷ୍ଟ ମାସ ୧୨ ତାରିଖ ଠାରୁ ପ୍ରତ୍ୟେକ ଗୁରୁବାର ଦିନ ପୁରୀ ରୁ ଏବଂ ଅଗଷ୍ଟ ମାସ ୧୩ ତାରିଖ ଠାରୁ ଶାଲୀମାର ରୁ ପ୍ରତ୍ୟେକ ଶୁକ୍ରବାର ଦିନ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ ।ସେହିପରି ୦୮୪୭୬/୦୮୪୭୫ ପୁରୀ-ଶାଲିମାର-ପୁରୀ ସାପ୍ତାହିକ ସ୍ପେଶାଲ ଅଗଷ୍ଟ ମାସ ୧୦ ତାରିଖ ଠାରୁ ପ୍ରତ୍ୟେକ ମଙ୍ଗଳବାର ଦିନ ପୁରୀରୁ ଏବଂ ଅଗଷ୍ଟ ମାସ ୧୧ ତାରିଖ ଠାରୁ ଶାଲୀମାର ଠାରୁ ପ୍ରତ୍ୟେକ ବୁଧବାର ଦିନ ଛାଡି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ ।

## ରାଜଧାନୀରେ ୨୪ ଘଂଟାରେ ୩୩୫ ପଜିଟିଭ୍

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜଧାନୀରେ ବଢୁଛି ସଂକ୍ରମଣ ।ପୁଣିଥରେ ୩୦୦ ଟପିଛି ସଂକ୍ରମିତଙ୍କ ସଂଖ୍ୟା । ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ଶୁକ୍ରବାର ଦିନ ଆଉ ୩୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୮୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୪୬ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୩୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୪ଜଣ ,ଓଲ୍ଡଟାଉନ୍ ରୁ ୧୪ ଜଣ, ପଟିଆରୁ ୧୩ ଜଣ ,ଲକ୍ଷ୍ମୀସାଗର, ନୟାପଲ୍ଲୀ , ଝାରପଡା ଓ ୟୁନିଟ୍ ୮ରୁ ୧୦ ଜଣ ଲେଖାଏଁ, ମଂଚେଶ୍ୱର ଓ ପାତ୍ରପଡାରୁ ୮ ଜଣ ଲେଖାଏଁ, କଳିଙ୍ଗ ନଗର ଓ ଡୁମଡୁମାରୁ ୭ ଜଣ ଲେଖାଏଁ, ଗଜପତି ନଗରରୁ ୬ ଜଣ, ସୁନ୍ଦରପଦା, ୟନିଟ ୯ ଓ ରସୁଲଗଡରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧୨୦୮ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୭୬୧୦ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୨୭୧୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୮୬୬ କୁ ବୃଦ୍ଧି ପାଇଛି ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ନୀଳଗିରି,୦୬/୦୮ (ନି.ପ୍ର): ଦିନ ପ୍ରାୟ ୧୨ଟା ସମୟରେ ପୋଡ଼ାଶୁଳ ଛକ ଠାରେ ୨ ବାଇକ ଆରୋହୀ ମୁହାଁମୁହିଁ ଧକ୍କା ହେବାରୁ ୨ଜଣକୁ ୧୦୮ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା । ସୂଚନା ଅନୁସାରେ କୁରୁଡ଼ାର କୁରକୁରା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଜେନା (୫୩) ଏବଂ ନଦୀଗାଁ ଅଞ୍ଚଳର ସଞ୍ଜୀବ କୁମାର ସେଠୀ (୩୦) ଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି । ୨ଜଣକ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୬,୬୪,୦୩୦ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୦୬/୦୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୬,୬୪,୦୩୦ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୪୭,୪୮,୯୩,୩୬୩ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କଟକ ଜିପିଓ ଏବଂ ସମ୍ବଲପୁର ମୁଖ୍ୟ ଡାକଘର ପରିସରରେ ଫିଲାଟେଲିକ କାର୍ଯ୍ୟାଳୟ ପୁନଃକାର୍ଯ୍ୟକ୍ଷମ

ଭୁବନେଶ୍ୱର,୦୬/୦୮(ନି.ପ୍ର): ସୁବ୍ୟବସ୍ଥିକରଣ ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗ ଅଧୀନ କଟକସ୍ଥିତ ଜିପିଓ ଏବଂ ସମ୍ବଲପୁର ଡାକ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଫିଲାଟେଲିକ (ଡାକ ଟିକଟ ସଂଗ୍ରହ ଓ ଅଧ୍ୟୟନ) କାର୍ଯ୍ୟାଳୟକୁ ୧୨ ଜୁଲାଇ, ୨୦୨୧ ଠାରୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ତେବେ ବର୍ତ୍ତମାନ ପରିସ୍ଥିତିରେ ଏହି ନିଷ୍ପତ୍ତି ଆଗକୁ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ଡାକ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପୂର୍ବ ନିଷ୍ପତ୍ତିର ପୁନର୍ବିଚାର କରିବା ପରେ ବିଭାଗ ସାନି ନିଷ୍ପତ୍ତି ଗ୍ରହଣ କରିଛି । ଫଳରେ ଉପରୋକ୍ତ ଦୁଇଟି ଫିଲାଟେଲିକ କାର୍ଯ୍ୟାଳୟ ୫ ଅଗଷ୍ଟ ୨୦୨୧ (ଗୁରୁବାର) ଠାରୁ ପୁନଃକାର୍ଯ୍ୟକ୍ଷମ ହୋଇଛି । ଏହା ଫଳରେ ସମସ୍ତ ଫିଲାଟେଲିଷ୍ଟ, ଡାକ ଟିକଟ ପ୍ରେମୀ, ସାଧାରଣ ଜନତା ଏହି ଦୁଇଟି କାର୍ଯ୍ୟାଳୟରୁ ପୂର୍ବ ଭଳି ସମସ୍ତ ଫିଲାଟେଲିକ ସୁବିଧା ଓ ସେବା ପାଇପାରିବେ ବୋଲି ଭୁବନେଶ୍ୱର ସ୍ଥିତ ଡାକ ବିଭାଗର ଓଡ଼ିଶା ସର୍କଲ ମୁଖ୍ୟ ମହା ଡାକପାଳ (ପିଏମଜି)ଙ୍କ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ (ଫିଲାଟେଲିକ) ଶ୍ରୀ ଏସ. ଚୌଧୁରୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ହେବ ସେତୁ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ମହାନ ବିଦ୍ୱାନ, ସାହିତ୍ୟିକ, ପ୍ରବୀଣ ସମ୍ବାଦିକ, ସାରସ୍ୱତ ସାଧକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ବାଙ୍କୀର ବୈଦେଶ୍ୱର ଓ ବଡ଼ମ୍ବାର ଗୋପୀନାଥପୁରକୁ ସଂଯୋଗ କରୁଥିବା ଦୀର୍ଘ ସେତୁକୁ ସରକାର ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ନାମିତ କରିବା ପାଇଁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ବରିଷ୍ଠ ସାମ୍ବାଦିକ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବାଙ୍କୀର ପୂଜ୍ୟପୂଜା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର ଦୀର୍ଘ ଦିନ ପୂର୍ବେ ସରକାରଙ୍କୁ ଦାବି ଓ ଅନୁରୋଧ କରି ଆସୁଥିଲେ । ଆଜି ତାହା ଫଳପ୍ରଦ ହୋଇଛି । ଏଥିପାଇଁ ସରକାରଙ୍କୁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ନାରାୟଣ ଚନ୍ଦ୍ର ଓଝାଙ୍କ ସମେତ ବହୁ ପୂଜ୍ୟପୂଜା ପ୍ରାଣ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଉକ୍ତ ସେତୁଟି କାର୍ଯ୍ୟକ୍ଷମ ହେଲେ ଗମନା ଗମନ, ପର୍ଯ୍ୟଟନ ପ୍ରମୁଖର ବିକାଶ ଓ ଅଗ୍ରଗତି ହୋଇପାରିବ ବୋଲି ମତପ୍ରକାଶ ପାଇଛି ।

## ଉଦଳାରେ ମହିଳାଶକ୍ତି ସେବା ଟ୍ରଷ୍ଟର ବୈଠକ



ଉଦଳା,୦୬/୦୮ (ନି.ପ୍ର): ମହିଳା ଶକ୍ତି ସେବା ଟ୍ରଷ୍ଟ, ଓଡ଼ିଶାର କପ୍ତିପଦା ଉପଖଣ୍ଡ ସ୍ତରୀୟ ସାଂଗଠନିକ ବୈଠକ ଆଜି ଅଗଷ୍ଟ ୬ ତାରିଖ ଶୁକ୍ରବାର ଦିନ ଉଦଳାର ବିଦୁ ବାଗାନସ୍ଥିତ ପଣ୍ଡିତ ରଘୁନାଥ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକର ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ସେବା ଟ୍ରଷ୍ଟର ମୟୂରଭଞ୍ଜ ଜିଲ୍ଲା ଅଧ୍ୟକ୍ଷ ଅଂଶୁମାନ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ମହିଳା ଶକ୍ତି ସେବା ଟ୍ରଷ୍ଟ ଏକ ରାଜନୈତିକ ସଂଗଠନ ନୁହେଁ, ଏହା ଏକ ଲୋକ ସଂଗଠନ, ଏଥିରେ ଆମେ ସମସ୍ତେ ସବୁ ପ୍ରକାର ଭେଦଭାବ ଭୁଲି ମିଳିମିଶି ଦେଶ ଗଠନରେ ଲାଗିବା ବୋଲି ବ୍ୟକ୍ତ କରିଥିଲେ । ଆଲୋଚକ ଭାବରେ ଟ୍ରଷ୍ଟର ଜିଲ୍ଲା ସ୍ତରୀୟ ମହିଳା ଅଧ୍ୟକ୍ଷା ସୁମିତ୍ରା ଚୋବେ, ଜିଲ୍ଲା ସଂଯୋଜିକା ଗାୟତ୍ରୀ ରଣା, ସାମ୍ବାଦିକା ପ୍ରମିଳା ପଣ୍ଡା, ଗୋପବନ୍ଧୁନଗର ବ୍ଲକ ସଭାପତି ରାଜେଶ୍ୱର ନାୟକ, ଗୋପବନ୍ଧୁନଗର ବ୍ଲକର ମହିଳା ସଭାପତି ସୁଦିପ୍ତା ବାରିକ, କପ୍ତିପଦା ବ୍ଲକ ସଭାପତି ବିଜୟ କୁମାର ମହାପାତ୍ର, କପ୍ତିପଦା ବ୍ଲକର ମହିଳା ସଭାପତି ପୂଜାରାଣୀ ପାତ୍ର, ଖୁଣ୍ଟା ବ୍ଲକର ସଭାପତି ଆଶିଷ ରଥ, ଉଦଳା ଏନ୍.ଏ.ସି. ସଭାପତି ସୁବ୍ରତ କୁମାର ମହାନ୍ତି ଓ ଉଦଳା ଏନ୍.ଏ.ସି.ର ମହିଳା ସଭାପତି ଶ୍ୱେତାଲିନା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ମହିଳା ଶକ୍ତି ସେବା ଟ୍ରଷ୍ଟର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେବା ଟ୍ରଷ୍ଟର ଜିଲ୍ଲାଉପସଭାପତି ପ୍ରଶାନ୍ତ ବେହେରା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିବା ସହିତ ଆଗାମୀ ଦିନରେ ଏହାର ରୂପରେଖ କିପରି ରହିବ ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶେଷ କରି ଦୈନନ୍ଦିନ ଜୀବନରେ ବିଧବା ମହିଳା ମାନେ ସାମନା କରୁଥିବା ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଏହାର ମୁକାବିଲା ପାଇଁ ଆମକୁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ସେ ସମ୍ପର୍କରେ ସମସ୍ତେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ମୋଟାମୋଟି ଭାବରେ ଆଜିର କାର୍ଯ୍ୟକ୍ରମ ଟି ସମସ୍ତଙ୍କ ପାଇଁ ଖୁବ୍ ଶିକ୍ଷଣୀୟ ହୋଇ ଉଠିବା ସଙ୍ଗେ ସଙ୍ଗେ ଆନନ୍ଦଦାୟକ ଥିଲା ବୋଲି ବିଭିନ୍ନ ଗ୍ରାମରୁ ଆସିଥିବା ଭାଇ ଭଉଣୀ ମାନେ ବ୍ୟକ୍ତ କରିଥିଲେ । କାମଦେବ ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିନକରେ ଚିହ୍ନଟ ୬୩ ନୂଆ କରୋନା ସଂକ୍ରମିତ ୮,୭୦,୧୪୫ପାନକୁ ଛୁଇଁଲା ଜିଲ୍ଲାର ଟିକାକରଣ

ବାଲେଶ୍ୱର,୦୬/୦୮ (ନି.ପ୍ର): ବାଲେଶ୍ୱରେ ଧୀରେ ଧୀରେ ଦୁର୍ବଳ ହେଉଛି ଦ୍ୱିତୀୟ ଲହର କରୋନା ସଂକ୍ରମଣ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୬୩ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାର ସଂକ୍ରମିତଙ୍କ ସଂଖ୍ୟା ୩୮,୩୨୮ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସୁସ୍ଥଙ୍କ ସଂଖ୍ୟା ୩୭,୩୩୮ ଛୁଇଁଛି । ତେବେ ଗତ ୨୪ଘଣ୍ଟା ମଧ୍ୟରେ ୬୨, ୫୬, ୫୪ ଓ ୩୫ବର୍ଷର ୪ଜଣ ପୁରୁଷ ଏବଂ ୮୨ ଓ ୭୫ ବର୍ଷର ଦୁଇ ଜଣ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି । ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୦୩ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଆଜି ଦିନକରେ ବାଲେଶ୍ୱର ଜିଲାର ୮୭ ଗୋଟି କେନ୍ଦ୍ରରେ ଗୋଟିଏ ୧୭,୩୪୪ ଜଣଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାଯାଯଇଛି । ଅଦ୍ୟାବଧି ଜିଲାରେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୮,୭୦,୧୪୫ ପାନ ଟିକାପ୍ରଦାନ କରାଯାଇଥିବା ବେଳେ ୬,୧୭,୦୦୨୩ ଜଣ ପ୍ରଥମ ପାନ ଓ ୨,୫୩,୧୪୩ ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଗୋଟିଏ ଦିନରେ ୧୨୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୦୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୪୭୩୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬୫୩୭୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୩୦୦୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୪୨ ଜଣଙ୍କ ମଧ୍ୟରୁ ୭୦୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୩ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୭୩, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୫ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୦ ଜଣ, ଯାଜପୁରରୁ ୫୭ ଜଣ, ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୩୨ ଜଣ, କେନ୍ଦୁଝରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଅସହାୟ ବିଧବା ମହିଳା ୨ମାସ ହେଲା ପାଉନି ଅନ୍ତ୍ୟୋଦୟ ଚାଉଳ



ଜଳେଶ୍ୱର,୦୬/୦୮ (ନି.ପ୍ର): କରୋନା ମହାମାରୀ ବେଳେ ଲୋକଙ୍କ ଆର୍ଥୀକ ମେରୁଦଣ୍ଡ ଦହଲି ଯାଇଛି । ପୁଣି ସାଧାରଣ ଗରିବ ଅସହାୟ ଲୋକଙ୍କ ଅବସ୍ଥା କହିଲେ ନ ସରେ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ଗ୍ରାମରେ । ଗ୍ରାମର କଟି ରଣା (୬୧) ଜଣେ ଅସହାୟ ବିଧବା ଆଦିବାସୀ ମହିଳା । ବହୁ ଦିନରୁ ତାର ସ୍ୱାମୀ ହାତଛାଡି ଆରପାରିକୁ ଚାଲିଯିବାପରେ ସେ ଏବେ ଏକାକୀ । ସରକାରୀ (ଅନାବାଦି)ଜାଗା ରେ ଏକ ଝୁମ୍ପୁଡି ଘରେ ଏକାକୀ ଦିନ କାଟୁଥିବା ବେଳେ ବୃଦ୍ଧାବସ୍ଥାରେ ମଧ୍ୟ ଅତି ଦୟନୀୟ ଅବସ୍ଥାରେ ପରଘରେ ମୁଲ ଲାଗି ଚଳିଆସୁଥିଲେ । ନିଜସ୍ୱ ଜାଗା ନଥିବାରୁ ଆବାସ ଯୋଜନାରୁ ବଂଚିତ ହୋଇଛ ନ୍ତି । କରୋନା ତା ହାତରୁ କାମ ଛଡାଇ ନେଇଥିବା ବେଳେ ପାଉଥିବା ବିଧବା ଭତ୍ତା ଓ ଅନ୍ତ୍ୟୋଦୟ ଚାଉଳ ଏକମାତ୍ର ଭରସା । ଦେଲେ ଦୁଃଖ ଦାଉ ସାଜିଲା ପରି ୨ ମାସ ହେଲା ଅନ୍ତ୍ୟୋଦୟ ଚାଉଳ ପାଆରୁ ବଂଚିତ ହୋଇଛି । ସରକାରଙ୍କ ନିୟମ ଅନୁଯାୟୀ ହିତାଧିକାରୀର ଆଙ୍ଗୁଠି ଛାପ କିମ୍ୱା ଆଖି ନମୁନା ଦେଇ ଚାଉଳ ନେବାର ବ୍ୟବସ୍ଥା ହୋଇଥିବା ବେଳେ ସେ ଅତ୍ୟନ୍ତ ଦୁର୍ବଳ ଓ ବୃଦ୍ଧା ହୋଇଥିବାରୁ ତାର ଆଙ୍ଗୁଳି ଛାପ କିମ୍ୱା ଆଖି ନମୁନା ମେଳ ଖାଉନଥିବାରୁ ଡିଲର ୨ ମାସ ହେଲାଣି ରାସନ୍ ଦେଇପାରୁ ନାହିଁ । ତାର କାର୍ଡ ନଂ ୦୨୦୫୧୪୧୧୧୯୩ରେ ସେ ଏକମାତ୍ର ହିତାଧିକାରୀ ଥିବାରୁ ଏହି ରାସନ୍ ପାଇବାରୁ ବଂଚିତ ହୋଇଛନ୍ତି । ଏ ସମ୍ପର୍କରେ ସେ ସରପଂଚ ଦୀପାଳୀ ଜେନାଙ୍କୁ ଯୋଗାଯୋଗ କରିବା ପରେ ସେ ଆଜି ଶୁକ୍ରବାର ବିଡିଓ ଦିପ୍ତିରଂଜନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖୁବ୍ ଶୀଘ୍ର ଯୋଗାଣ ବିଭାଗ ସହିତ ଆଲୋଚନା କରି ଚାଉଳ ପାଇବାର ବ୍ୟବସ୍ଥା କରିବେ ବୋଲି ବିଡିଓ ପ୍ରତିଶୃତି ଦେଇଛନ୍ତି । ତାକୁ ଏକ ଘରଡିହ ପଟା ଯୋଗାଇ ଦେବା ସହିତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାରୁ ଗ୍ରାମର ନରୋତ୍ତମ ପ୍ରଧାନ, ଦୁର୍ଗଶଂକର ଗିରି, ଅନାରି ଚରଣ ଗିରି, ଦେବବ୍ରତ ରାଜ, ହରିଶଂକର ଗିରି, ସପନ ଜେନା, ସପନ ଗିରି ପ୍ରମୁଖ ବହୁ ବ୍ୟକ୍ତି ଦାବି କରିଛନ୍ତି ।

# ଅର୍ଥ ଅଭାବରୁ ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥା ବନ୍ଦ ହେବ !

## ଅଞ୍ଚଳବାସୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଭାରତର ସ୍ୱାସ୍ଥ୍ୟୀ ମନ୍ତ୍ରୀଙ୍କୁ ସରକାରୀକରଣ ପାଇଁ ଗୁହାରି ଜଣାଇଲେ




ନୀଳଗିରି,୦୬/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା "ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥା" ଅର୍ଥ ଅଭାବରୁ ଉକ୍ତ ସଂସ୍ଥାକୁ ପରିଚାଳନା କରିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଦୀର୍ଘ ୧୭ବର୍ଷ ଧରି ଉକ୍ତ ସଂସ୍ଥାକୁ ସରକାରୀ କରଣ ପାଇଁ ଅଞ୍ଚଳବାସୀ ବହୁବାର ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଏସ.ଡି.ଏମ.ଓ., ମାନ୍ୟବର ସାଂସଦ, ମାନ୍ୟବର ବିଧାୟକଙ୍କୁ ବହୁବାର ନିବେଦନ କରୁଥିଲେ ହେଁ ରାଜ୍ୟ ସରକାର ଉକ୍ତ ସେବା ସଂସ୍ଥାକୁ ସରକାରୀକରଣ କରିବାର ନାଁ ଧରୁ ନାହାନ୍ତି । ଉକ୍ତ ଘଟଣାକୁ ନେଇ ଅଞ୍ଚଳବାସୀ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସରକାରୀକରଣ କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି । ମିତ୍ରପୁର ଅଞ୍ଚଳର ଆଖପାଖ ୫/୬ ଟି ପଞ୍ଚାୟତର ଅଧିବାସୀମାନେ ଆଦିବାସୀ ହରିଜନ ସଂପ୍ରଦାୟର ହୋଇଥିବା ବେଳେ ପଞ୍ଚାୟତର ଲୋକମାନେ ମିତ୍ରପୁର ସ୍ୱାସ୍ଥ୍ୟ ସେବା ସଂସ୍ଥା ଉପରେ ନିର୍ଭରଶୀଳ । ଉକ୍ତ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ଅର୍ଥରେ ଉକ୍ତ ସେବା ସଂସ୍ଥାଟି ତିଷ୍ଠି ଥିବା ବେଳେ ଗତ ୭ ବର୍ଷଧରି ଖଣିଖାଦାନ ବନ୍ଦ ହୋଇ ଯିବା ଯୋଗୁଁ ଆର୍ଥିକ ଦୁରାବସ୍ଥା ଯୋଗୁଁ ଉକ୍ତ ସ୍ୱାସ୍ଥ୍ୟ ସେବା ସଂସ୍ଥାଟି ଦୟନୀୟ ଅବସ୍ଥାରେ ଗତି କରୁଅଛି । ପ୍ରତିଦିନ ପ୍ରାୟ ୮୦ ଜଣ ରୋଗୀ ବିଭିନ୍ନ ଅଞ୍ଚଳରୁ ସେବା ପାଇଁ ଆସୁଥିବା ବେଳେ ଫାର୍ମାସିଷ୍ଟ କୁନ୍ଦନ ପାଣିଗ୍ରାହୀଙ୍କ ଉପରେ ଅଂଚଳବାସୀ ନିର୍ଭର କରିଥାନ୍ତି । ବାଲେଶ୍ୱର ସି.ଡି.ଏମ.ଓ. ଅନୁକମ୍ପାରୁ କିଛି ଔଷଧ ଯୋଗାଇ ଦିଆଯାଉଛି । ଜିଲ୍ଲାପାଳ ଓ ସି.ଡି.ଏମ.ଓ. ଙ୍କ କୃପାରୁ ସପ୍ତାହକୁ ୨ ଦିନ ପାଇଁ ୨ଜଣ ଆୟୁଷ ଡାକ୍ତରଙ୍କୁ ମଧ ଉକ୍ତ ସ୍ୱାସ୍ଥ୍ୟ ସେବା ସଂସ୍ଥାକୁ ପଠାଉଛନ୍ତି । ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଉକ୍ତ ସଂସ୍ଥାକୁ ଚଳାଇବା ପାଇଁ ଅସମର୍ଥ ହେଉଛନ୍ତି । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୀଘ୍ର ସରକାରୀ କରଣ ପାଇଁ ଅଞ୍ଚଳବାସୀ ଦାବୀ କରୁଛନ୍ତି । ଯଦି ରାଜ୍ୟ ସରକାର ଉକ୍ତ ସଂସ୍ଥାକୁ ସରକାରୀକରଣ ନ କରନ୍ତି ଆଗାମୀ ଦିନରେ ଅଞ୍ଚଳବାସୀ ରାଜ୍ୟ ରାସ୍ତାକୁ ଓହ୍ଲାଇବେ ବୋଲି ନିରଂଜନ ଲେଙ୍କା, ଅଗଣି ସାହୁ, କାର୍ତ୍ତିକେଶ୍ୱର ଦାସ, ଭଗବାନ ଦାସ, ପୁନ ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଆଦିବାସୀ ନିର୍ଦ୍ଦେଶିକାଙ୍କ କପ୍ତିପଦା ଆଇଟିଡ଼ିଏ ଗସ୍ତ



ଉଦଳା,୦୬/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ଆଦିବାସୀ ନିର୍ଦ୍ଦେଶିକା ଗୁହାପୁନମ ତାପସ କୁମାର ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅପିଇଲିପ୍ ପି ଆର୍ଥନାରି ମୟୂରଭଞ୍ଜ ଗସ୍ତରେ ଆସି ଉଦଳା ଆଇଟିଡ଼ିଏ ଅଧିନରେ ବିଭିନ୍ନ ଅବାସିକ ବିଦ୍ୟାଳୟ ଛାତ୍ରାବାସ ପରିଭ୍ରମଣ କରି ହଷ୍ଟେଲ ଗୁଡ଼ିକରେ ହୋଇଥିବା କାର୍ଯ୍ୟ ତଦାରଖ ପରେ ଅନ୍ତେବସୀଙ୍କ ସିହତ ଆଲୋଚନା କରିଥିଲେ । ପ୍ରକାଶ ଥାଉକି କପ୍ତିପଦା ବ୍ଲକର ଶରତ ଉଚ୍ଚ ବିଦ୍ୟାଳୟ, ବଡ଼ଶିମୁଳିଆ ବାଳିକା ବିଦ୍ୟାଳୟ, ଦେବଳା ଆଶ୍ରମ ସ୍କୁଲ, ଇଟାଗଡ଼ ଆଶ୍ରମ ସ୍କୁଲ, ଉଦଳା ବ୍ଲକର ବହୁବନ୍ଧ ବାଳିକା ବିଦ୍ୟାଳୟ, ବହୁବନ୍ଧ ଆଶ୍ରମ ସ୍କୁଲ, ସାରଶବିଲା ଆଶ୍ରମ ସ୍କୁଲ, ପି.ସି. ପୁର ଆଶ୍ରମ ସ୍କୁଲ, ଶାଳଖୁଣ୍ଟା ଆଶ୍ରମ ସ୍କୁଲ, ଖଣ୍ଟା ବ୍ଲକର ବି.ସି. ପୁର ହାଇସ୍କୁଲ, ଧାନଘେରା ମଡ଼େଲ ସ୍କୁଲ, ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଆବାସିକ ବିଦ୍ୟାଳୟ କୋଭିଡ଼-୧୯ ପରେ ୧୦ମ ଶ୍ରେଣୀ ପିଲାମାନଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ ହୋଇଛି । ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ଉତ୍ତମ ପାଇଖାନା ବ୍ୟବସ୍ଥା, ରୋଷେଇ ଘର, ଡ଼ାଇନିଂ ହଲ, ଛାତ୍ରାବାସ ଗୁଡ଼ିକର ରଙ୍ଗ ମରାକାର୍ଯ୍ୟ, ପରିବେଶର ସଫାସୁତୁରା ଇତ୍ୟାଦି ତଦାରଖ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ବିଦ୍ୟାଳୟ ପରିଦର୍ଶନ ପରେ ଉଦଳା ବ୍ଲକ ବହୁବନ୍ଧ ପଞ୍ଚାୟତର ଗୋଧିମରା ଗ୍ରାମକୁ ଯାଇ ଆଦିବାସୀମାନେ ମିଶନ ଜୀବୀକା କାର୍ଯ୍ୟକ୍ରମ ଅଧିନରେ କରିଥିବା ବିଭିନ୍ନ ପ୍ରକାର ପରିବା ଚାଷ ବୁଲି ଦେଖିଥିଲେ । ଏହାପରେ ଖୁଣ୍ଟା ବ୍ଲକର ଅଗ୍ନିକୁଆଁରୀ ଓ କୁସୁମ ଘାଟୀ ବନ୍ଧନ ବିକାଶ କେନ୍ଦ୍ରର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ବିଶେଷ କରି ସବାଇ ଘାସରେ ତିଆରି ଜିନିଷ ଗୁଡ଼ିକ ବାହାର ବଜାରରେ କି ଭଳି ଅଧିକ ଦାମରେ ବିକ୍ରୀ ହୋଇପାରିବ ଓ ସ୍ଫୁର୍ତ୍ତି ଯୋଯନାରେ ଆଦିବାସୀମାନେ କିଭଳି ଭାବରେ ଉପକୃତ ହୋଇପାରିବେ ସେ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲା ଶିକ୍ଷ କେନ୍ଦ୍ର ଅଧିକାରୀ ଗୌରମୋହନ ସିଂ ଏବଂ ଜିଲ୍ଲା ମଙ୍ଗଳଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର, ଆଇଟିଡ଼ିଏ ପିଏ ଦେବଦତ୍ତ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପାତ୍ର, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ନାଏକ, ତାପସ କୁମାର ସାମଲ, କମଳ ଲୋଚନ ଟୁଡୁ, ପ୍ରଣବ ଦାସଙ୍କୁ ପରାମର୍ଶ ଦେଇଥିଲେ ।

# ଟିକସ ଆଦାୟ ବିରୁଦ୍ଧରେ ବଣିକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଜଳେଶ୍ୱର,୬/୮(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ପଶ୍ଚିମବାର୍ଡ ପଂଚାୟତରେ ଥିବା ଗୋଠଣାହାଟରେ ବେନିୟମଭାବେ ଟିକସ ଆଦାୟ କରାଯାଉଥିବାରୁ ଦେବକୁମାର ଗୋଠଣାହାଟ ବଣିକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ୨୦-୨୧ ମସିହାରେ ଏହି ହାଟକୁ ପଂଚାୟତ ପକ୍ଷରୁ ୧୮୨୦୦୦/- ଟଙ୍କାରେ ହରେନ୍ଦ୍ର ଜେନାଙ୍କୁ ୯ମାସ ଲାଗି ନିଲାମ ଦିଆଯାଇଥିଲା । ଏହା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ନିଲାମ ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ସରକାରୀଭାବେ ନିଲାମ ହୋଇ ପାରିନଥିଲା । ମାତ୍ର ଚଞ୍ଚକତା କରି ମାସିକ ପାଂଚଶହ ଟଙ୍କାରେ ପଂଚାୟତପକ୍ଷରୁ ନିଲାମ ଦିଆଯାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଉଥିବା ସମ୍ପର୍କରେ ଆଜି ଶୁକ୍ରବାର ବଣିକ ସଂଘର ସଭାପତି ବାପୁଜି ଦାସ, ସଂପାଦକ ମନୋରଂଜନ ମିଶ୍ର, ସନ୍ତୋଷ କୁମାର ଯତି, ପ୍ରଦୀପ ନନ୍ଦି, ମନୋରଂଜନ ରାଉଳ, ରବିନ୍ଦ୍ର ମହାଳିକ, ନିଳକଣ୍ଠ ମହାନ୍ତି, ବିକାଶ ମହାନ୍ତି, ରମାନାଥ ସାହୁ, ବାବୁଲି ବାରିକ, ଶରତ ରାଉଳ, ଆବାସ୍ ସାହା, ସୁରେଶ ଜେନା, ଜନ୍ମଜୟ ସିଂହଙ୍କ ସହିତ ବହୁ ବ୍ୟବସାୟୀମାନେ ବିଡିଓ ଦିପ୍ତିରଂଜନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେମାନଙ୍କଠାରୁ ଜୋରଜବରଦସ୍ତ ଆଦାୟ ହୋଇଥିବା ଟଙ୍କା ଫେରସ୍ତ ସହିତ ସରକାରୀଭାବେ-ନିଲାମ ଦିଆଯିବାକୁ ଦାବି ହୋଇଛି ।

# ମୁନସିବନ୍ଧ ନିକଟରେ ଓଲଟିଲା ପିକପ



ବାରିପଦା,୦୬/୦୮ (ନି.ପ୍ର): ବାରିପଦା ଦେଉଳି ରାସ୍ତାରେ ଆଜି ପୂର୍ବାହ୍ନରେ ଭାରସମ୍ୟ ହରାଇ ଏକ ପିକପଭେନ ରାସ୍ତା କଡ ଧାନ ବିଲକୁ ପଶିଯିବା ସହିତ ଓଲଟି ପଡିଥିବାର ଜଣା ଯାଇଛି । ତେବେ ପିକପରେଚାଳକ ଓ ଅନ୍ୟଜଣେ ବ୍ୟକ୍ତି ଥିବା ବେଳେ, ଦୁଇଜଣ ଯାକ ଗାଡିରୁ ଛିଟିକି ପଡିଥିବା ବେଳେ, ସାମାନ୍ୟ ଆହତ ହୋଇ ଥିବାର ଜଣା ଯାଇଛି । ବର୍ଷାରେ ଧାନବିଲ କାଦୁଅ ଥିବାରୁ ଅଳ୍ପକେ ବର୍ତିଯାଇଥିଲେ ଡ୍ରାଇଭର ଓ ହେଲପର । ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଂଚି ଦୁଇଜଣଙ୍କୁ ଉଦ୍ଧାର କରିଥିବାର ଜଣା ଯାଇଛି । ତେବେ ଦୃତ ଗାଡି ଚାଳନା ପାଇଁ ଏଭଳି ଅଘଟଣ ଏହି ଅଂଚଳରେ ବାରମ୍ୱାର ଘଟୁଥିବାର ସ୍ଥାନୀୟ ଲୋକେ କହିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୦୬/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୦୩୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୮,୧୬,୪୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ନୂତନ ଇ-ବାଇକ୍ ସୋରୁମ୍ ଉଦ୍‌ଘାଟିତ



ଜଳେଶ୍ୱର,୦୬/୦୮ (ନି.ପ୍ର): ପେଟ୍ରୋଲ ର ଦର ଦିନକୁ ଦିନ ଆକାଶଛୁଆଁ ହେଉଥିବାରୁ ଏବେ ବ୍ୟାଟେରୀ ଗାଡିର ଚାହିଦା ବୃଦ୍ଧି ପାଇଛି । ଜଳେଶ୍ୱର ବ୍ଲକ ର ରାଜପୁର ଠାରେ ରିମାର୍କ କମ୍ପାନୀର ଏକ ଇ-ବାଇକ୍ ସୋରୁମ୍ ଆଜି ଶୁକ୍ରବାର ଉଦ୍‌ଘାଟତି ହୋଇ ଯାଇଛି । ଏହାକୁ ସରପଂଚ ଦିଲ୍ଲିପ ପରିଡା ଉଦ୍‌ଘାଟନ କରିଥିବା ବେଳେ ସମିତି ସଭ୍ୟଙ୍କ ସହିତ ଆର୍.ଆର୍ ମୋଟର୍ସର ଦୁଇଜଣ ଉଦ୍ୟଗୀ ବିକାଶ ରଂଜନ ଦାସ ଓ ବିଶ୍ୱଜିତ୍ ଦାସ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥିଭାବେ ବିଡିଓ ଦିପ୍ତିରଂଜନ ସେଠୀ ଏଭଳି ପ୍ରୟାସରୁ ସାଧୁବାଦ ଜଣାଇବା ସହିତ ଏହାର ବହୁଳ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି ଉଦ୍‌ଘାଟନ ସମୟରେ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ଆଘାତରେ ଗୋରୁ ମୃତ

ନୀଳଗିରି,୦୬/୦୮ (ନି.ପ୍ର): ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ବହୁ ଜୀବନ ହାନି ଘଟୁଥିବା ବେଳେ ବିଦ୍ୟୁତ୍ ଷ୍ଟେ ତାର ସଂପର୍କରେ ଆସି ଗୋଟେ ଗୋରୁ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ମାଟିଆଳି ଗ୍ରାମର ପଙ୍କଜ ବେହେରାଙ୍କ ଏକ ଗୋରୁ ବାସନ୍ତୀ ଛକ ଠାରେ ଚରୁଥିବା ବେଳେ ଏକ ଷ୍ଟେ ତାର ଚାର୍ଜ ହୋଇଥିବା ବେଳେ ଗୋରୁଟି ତା ସଂସ୍ପର୍ଶରେ ଆସିବାରୁ ଗୋରୁଟିର ମୃତ୍ୟୁ ଘଟିଛି । କେବେ ସୁଧାରିବି ବିଦ୍ୟୁତ୍ ବିଭାଗର ପରିସ୍ଥିତି ତାହା ଜନସାଧାରଣ ଚାତକ ପରି ଚାହିଁରହିଛନ୍ତି ।

# ରଗ୍ଣ ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ଷମ ପାଇଁ ଅଣ୍ଟା ଭିଡ଼ିଲା 'ଫ୍ୟୁଚର ବାଲେଶ୍ୱର'

ବାଲେଶ୍ୱର,୦୬/୦୮ (ନି.ପ୍ର): ଶିଳ୍ପାୟନ କ୍ଷେତ୍ରରେ ଶୀର୍ଷକୁ ଯାଇଥିବା ବାଲେଶ୍ୱର ଜିଲାରେ ଶିଳ୍ପାନୁଷ୍ଠାନଗୁଡ଼ିକ ଧୀରେ ଧୀରେ ରଗଣ ହୋଇ ଓ ବନ୍ଦ ହେବାର ସ୍ଥିତିରେ ପହଞ୍ଚିବାକୁ ନେଇ ଉଦବେଗ ପ୍ରକାଶ କରିଛି 'ଫ୍ୟୁଚର ବାଲେଶ୍ୱର' ସଂଗଠନ। ଶିଳ୍ପାନୁଷ୍ଠାନ ଗୁଡ଼ିକର ଏଭଳି ସ୍ଥିତିରେ ଜିଲାର ଶ୍ରମିକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ସଂଗଠନ ପକ୍ଷରୁ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି। 'ଫ୍ୟୁଚର ବାଲେଶ୍ୱର'ର ସଭାପତି ବିଜୟ ପାଣିଗ୍ରାହୀ, ସମ୍ପାଦକ ଦୁକୁଲ ଚନ୍ଦ୍ର ଘଡ଼ାଇ ଓ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରମିକଙ୍କ ପ୍ରତି କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ସରକାରଙ୍କ ସମବେଦନା ନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଉତ୍ତର ଓଡ଼ିଶାର ପ୍ରମୁଖ ବୃହତ ଶିଳ୍ପାନୁଷ୍ଠାନ 'ବିର୍ଲା ଟାୟାର୍ସ'ର ଶ୍ରମିକମାନେ। ୧୯୯୧ ମସିହାରେ ଏଥିରେ ୩ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ନିଯୁକ୍ତି ପାଇଥଲେ । ସଫଳତାର ସହ ଚାଲିଥିବା ଏହି ଶିଳ୍ପ ସଂସ୍ଥାରେ ୨୦୧୦ ମସିହାରୁ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ସହ ୨୦୧୬ ବେଳକୁ ମାସରେ ମାତ୍ର ୧୫ରୁ ୨୦ ଦିନ ଉତ୍ପାଦନକ୍ଷମ ରହିଥିଲା । ୨୦୧୯ ଏପ୍ରିଲ ପରଠାରୁ କମ୍ପାନୀ ୨ରୁ୩ ମାସରେ ଥରେ ମାସକର ଦରମା ଦେବା ଆରମ୍ଭ କରିଥିଲା କର୍ତ୍ତୃପକ୍ଷ। ତେବେ ୨୦୨୦ଏପ୍ରିଲ ମାସରେ ଶ୍ରମିକଙ୍କୁ ମାତ୍ର ୧୫ଦିନର ଦରମା ଦିଆଯାଇଥିବା ବେଳେ ଇତିମଧ୍ୟରେ ୧୫ମାସ ବିତିଥିଲେ ବି ସେମାନଙ୍କୁ ଆଉ ଆଦୌ ପ୍ରାପ୍ୟ ନମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଫ୍ୟୁଚର ବାଲେଶ୍ୱରର ସଭାପତି ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି । କର୍ମଚାରୀଙ୍କ ପିଏଫ, ଇଏସଆଇସି କିସ୍ତି ମଧ କମ୍ପାନି କର୍ତ୍ତୃପକ୍ଷ ଜମା କରୁନାହାନ୍ତି । ତେବେ ବିରଳା ଶ୍ରମିକଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଥିବା ସେ କହିଛନ୍ତି। ସେହିପରି ବାଲେଶ୍ୱର ଆଲୋୟେଜ ବନ୍ଦ ହୋଇଯିବା କାରଣରୁ ସେଥିରେ କାର୍ଯ୍ୟ କରୁଥିବା କର୍ମଚାରୀ ଜୀବିକା ହରାଇ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ଅନୁରୂପ ଭାବେ ଇମାମୀ ପେପର ମିଲ୍‌ସର ଅବସ୍ଥା ମଧ ଶୋଚନୀୟ ଆଡ଼କୁ ଗତି କରୁଥିବା ଶ୍ରୀ ପାଣିଗ୍ରାହୀ କହିଛନ୍ତି । ଏହି ଧାରା ବଜାୟ ରହିଲେ ଆଗାମୀ ଦିନରେ ବାଲେଶ୍ୱର ଶିଳ୍ପଶୂନ୍ୟ ଜିଲା ହୋଇଯିବାକୁ ବେଶୀ ସମୟ ଲାଗିବ ନାହିଁ ବୋଲି ସଂଗଠନର କର୍ମକର୍ତ୍ତାମାନେ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ବୁଦ୍ଧଜୀବୀ, ରାଜନେତା, ଶ୍ରମିକ ନେତା ତଥା ସଂଗଠନମାନେ ମିଳିତ ଭାବେ ଶିଳ୍ପାନୁଷ୍ଠାନଗୁଡିକୁ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ ନିମନ୍ତେ ଶ୍ରୀ ପାଣିଗ୍ରାହୀ ନିବେଦନ କରିଛନ୍ତି । ମାସକ ମଧରେ ଅବସ୍ଥା ନ ସୁଧୁରିଲେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ବାଧ ହେବ ବୋଲି ସେ ଚେତାବନୀ ଦେଇଥିଲେ ।

# ଶିକ୍ଷକ ସହଦେବ ବେହେରା ପାଇଲେ ଅନରାରୀ ଡକ୍ଟରେଟ



ବାରିପଦା,୦୬/୦୮(ନି.ପ୍ର): ବୃତ୍ତିରେ ଶିକ୍ଷକତା କରୁଥିବା ଓ ନିଶାରେ ସାହିତ୍ୟ ସହିତ ସମାଜ ସେବା, ଆନ୍ତର୍ଜାତିକ ଶାନ୍ତି ଓ ସଦ୍ଭାବନା ସ୍ଥାପନ କରିବା, ବିଶ୍ୱ ସ୍ତରରେ ମାନବାଧିକାର ସଂଗଠନ ସହିତ ମିଶି କାର୍ଯ୍ୟ କରିବା ଏକ ନିଆରା ନିଶାରେ ଆଜି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଶ୍ରୀଯୁକ୍ତ ସହଦେବ ବେହେରା ଯେକି ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧାତିକିଡିହା ରେ ଶିକ୍ଷକତା କରୁଛନ୍ତି । ବାଲ୍ୟକାଳରୁ ଶିକ୍ଷାଦାନ ପ୍ରତି ମନୋନିବେଶ କରିବା ସହିତ ସାହିତ୍ୟ ଓ ସମାଜସେବାରେ ରୁଚି ରଖିଥିବା ଶ୍ରୀଯୁକ୍ତ ବେହେରାଙ୍କୁ ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟର ସାହିତ୍ୟି ଅନୁଷ୍ଠାନରୁ ଅନେକ ପ୍ରଶଂସା ଓ ସମ୍ମାନ ମିଳିବା ସହିତ ଦୁଇଟି ଅନରାରୀ ଡକ୍ଟରେଟ ଉପାଧି ମିଳିଛି । ଏମ୍ .ଏମ୍ . ଏମ୍ ଏବଂ ଏଆଇସିଏଚଓ୍ୱାଇସିଆଇ, ମେକ୍ସିକୋ ଆନ୍ତର୍ଜାତିକ ର ସଭାପତି ତଥା ପ୍ରତିଷ୍ଠାତା ଆମ୍ବାସଡ଼ର ଇ. ଟିବୁରିକୋ ମାରକୁଏଜ ଏବଂ ଆଇଏଫସିଏଚ ଏବଂ ଏଆଇସିଏଚଓ୍ୱାଇସିଆଇ, ଆନ୍ତର୍ଜାତିକ ଫୋରମ୍ ଫର କ୍ରିଏଟିଭିଟି ଏବଂ ହ୍ୟୁମାନଟି, ମେକ୍ସିକୋ, ମରକସ୍କୋ ର ସଭାପତି ତଥା ପ୍ରତିଷ୍ଠାତା ଡକ୍ଟର ଆଜିଜ୍ ମାଉଣ୍ଟାସିର, ସହଦେବ ବେହେରାଙ୍କୁ ମ୍ୟାନ ଅଫ ଲିଡରସିପ୍ ଏବଂ ହ୍ୟୁମାନଟି ମିସନ୍ ' ପାଇଁ ଆନ୍ତର୍ଜାତିକ ସ୍ତରରେ 'ଅନରାରୀ ଡକ୍ଟରେଟ' ଉପାଧି ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମାଲେସିଆର ଶାନ୍ତିଦୂତ ଡକ୍ଟର ଡିଡ଼ବ୍ଲୁକେ ଗ୍ୟାନ୍ ଚାଇ ଲିଓଙ୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ପୁନଶ୍ଚ ଶ୍ରୀଯୁକ୍ତ ବେହେରା ମଧ୍ଯ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ସମସ୍ୟା ଓ ବିତର୍କରେ ଭାଗନେଇ ନିଜର ପରିଚୟ ସୃଷ୍ଟି କରିପାରିଥିବାରୁ ପାଲେଷ୍ଟାଇନ ଓ ଇଜିପ୍ଟର ମିଳିତ ସହଯୋଗରେ ଆଭାସୀ ଆଲୋଚନାରେ ଅଂଶଗ୍ରହଣ କରି ସମ୍ମାନସୂଚକ ଡକ୍ଟରେଟ ଉପାଧି ହାସଲ କରିଛନ୍ତି । ଆନ୍ତର୍ଜାତୀୟ ହ୍ୟୁମାନଟିଜ ସଂସ୍ଥାର ସଭାପତି ଡକ୍ଟର ଜାମିଲା ସାପି ( ପାଲେଷ୍ଟାଇନ ) ଓ ସମ୍ପାଦକ ଡକ୍ଟର ଟୋନି ଫଏଡ ( ଇଜିପ୍ଟ ) ଏହି ଉଚ୍ଚ ସମ୍ମାନ ' ଅନରାରୀ ଡକ୍ଟରେଟ୍ ' ଉପାଧି ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ଆନ୍ତର୍ଜାତିକ ସ୍ତରରେ ପୃଥିବୀର ବିଭିନ୍ନ ଦେଶର ଆନ୍ତର୍ଜାତୀୟ ସାହିତ୍ୟ, ଶାନ୍ତି ଓ ମାନବାଧିକାର ଅନୁଷ୍ଠାନରୁ ବିଶ୍ୱ ଶାନ୍ତିଦୂତ ସମ୍ମାନ ପାଇଛନ୍ତି । ସେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ମଙ୍ଗରାଜପୁର ଗ୍ରାମର ସ୍ୱର୍ଗତା ମାଳତୀ ବେହେରା ଓ ଶ୍ରୀଯୁକ୍ତ ବାବାଜି ଚରଣ ବେହେରାଙ୍କ ପୁତ୍ର । ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ସ୍ତରରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟୁଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo